**ଓଡିଶା ବିକାଶ ନେଇ ଦିଲ୍ଲୀରେ ରାଉଣ୍ଡ ଟେବୁଲ୍ ବୈଠକ**

ଭୁବନେଶ୍ୱର, ୩।୪ (ବ୍ୟୁରୋ): ଦିଲ୍ଲୀସ୍ଥିତ ଏରୋସିଟିଠାରେ ଓଡିଶା ପଜିଟିଭ ଓ ରୁଟ୍ସ୍ ଅଫ୍ ଓଡିଶା ଫାଉଣ୍ଡେଶନ ପକ୍ଷରୁ ଓଡିଶାର ଅର୍ଥନୈତିକ ଉତ୍ଥାନ ନେଇ ଏକ ରାଉଣ୍ଡ ଟେବୁଲ ବୈଠକ ଅନୁଷ୍ଠିତ ହୋଇଯାଇଛି। କରୋନା ଓ ଏହାର ପରବର୍ତ୍ତୀ ସମୟରେ ଓଡିଶା ସମ୍ମୁଖୀନ ହୋଇଥିବା ଆହ୍ୱାନ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ଆମେରିକାସ୍ଥିତ ମାଟସନ୍ କୁମାର ଏଲ୍ଏଲ୍ସିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ମାଇକେଲ ଜନ୍ ମାଟସେନ୍, ସିଙ୍ଗାପୁରସ୍ଥିତ ଭି କ୍ଲାଉଡ୍ ଏକ୍ସ ଟିଜିଇର ମୁଖ୍ୟ ପଙ୍କଜ ଗୁପ୍ତା, ଭଏସ୍ ଅଫ୍ ସିଭିଲ ସୋସାଇଟି ପତ୍ରିକାର ପ୍ରକାଶକ ରବି ପାଣି, ଲେଫ୍ଟେନାଟ କରୋନେଲ ଡ. ପରମିନ୍ଦର କୌର ପ୍ରମୁଖ ଓଡ଼ିଶାକୁ ନେଇ ମତ ରଖିଥିଲେ। ସଞ୍ଜୀବ ମହାନ୍ତି ସ୍ୱାଗତ ଭାଷଣ ଓ ବିକ୍ରମ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶହୀଦ ରଘୁ-ଦିବାକର ସ୍ମୃତି ସଂସଦ ପକ୍ଷରୁ ବଳିଦାନ ଦିବସ, ଶହୀଦ ରଘୁ-ଦିବାକର ପ୍ରତିମୂର୍ତ୍ତି, ୟୁନିଟ-୯, ସକାଳ ୮ଟା ୩୦।
- ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିସ୍ ୱାର୍କର୍ସ ଆସୋସିଏଶନର ତ୍ରୟୋବାର୍ଷିକ ପ୍ରାଦେଶିକ ଅଧିବେଶନ, ପ୍ରଭୁଜି ଇଂଲିଶ ମିଡିୟମ ସ୍କୁଲ, ଭିଏସ୍ଏସ୍ ନଗର, ପୂର୍ବାହ୍ନ ୧୦ଟା।
- ନାରାୟଣ ସେବା ସଂସ୍ଥାନ ପକ୍ଷରୁ ଆତ୍ମୀୟ ସନ୍ଥ ମିଳନ ଏବଂ ଭାମ୍‌ଶାହ ସମ୍ମାନ ସମାରୋହ, କାଳୀ ମନ୍ଦିର, ଜନପଥ ରୋଡ, ସତ୍ୟ ନଗର, ମଧ୍ୟାହ୍ନ ୧୨ଟା ୧୦।
- ଓଡ଼ିଶା ଆଇକନ ଆୱାର୍ଡ, ହୋଟେଲ କେଶରୀ, ମାଷ୍ଟରକ୍ୟାଣ୍ଟିନ, ଅପରାହ୍ନ ୫ଟା।
- କବୟିତ୍ରୀ ଜୟଶ୍ରୀ ପଟ୍ଟନାୟକଙ୍କ କବିତା ପୁସ୍ତକ ଉନ୍ମୋଚନ, ଗୋଦାବରୀଶ ସାହିତ୍ୟ ସଂସଦ, ୟୁନିଟ-୩, ଅପରାହ୍ନ ୫ଟା।
- ସଂଭାବନା ଟ୍ରଷ୍ଟ ପକ୍ଷରୁ ଓଡ଼ିଆଣି ପ୍ରତିଯୋଗିତାର ଚତୁର୍ଥ ସନ୍ଧ୍ୟା, ୟୁନିଟ-୨ ପ୍ରାଥମିକ ବିଦ୍ୟାଳୟ, ସନ୍ଧ୍ୟା ୬ଟା।
- ସାପ୍ତାହିକ ସମ୍ବାଦପତ୍ର ଚିରସଂଧାନ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧସଭା, ବୁଦ୍ଧ ମନ୍ଦିର, ୟୁନିଟ-୯, ସନ୍ଧ୍ୟା ୬ଟା ୩୦।

**କଟକ**

- ଶ୍ରୀ ଗଂଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ସାହିତ୍ୟ ଭାରତୀ ସମ୍ମାନ, କଳାବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ସାଂସ୍କୃତିକ ମଣ୍ଡପର ଉଦ୍‌ଘାଟନ ଉତ୍ସବ ଓ ବରିଷ୍ଠ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସତ୍ୟଭାମାପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

# ହାତୀ ଆକ୍ରମଣରେ ମହିଳା ମୃତ, ୪ ଗୁରୁତର

ଖୋର୍ଦ୍ଧା ଅଫିସ/ ନିରାକାରପୁର,୩।୪(ଡି.ଏନ୍.ଏ.)




ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ମହିଳାମାନେ।

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଖୋର୍ଦ୍ଧା ଓ ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଶନିବାର ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତା ମହିଳା ହେଲେ ଧଉଳିମୁହଁ ପଞ୍ଚାୟତ ରାମଚଣ୍ଡୀ ଗ୍ରାମର ମଞ୍ଜୁଲତା ବେହେରା। ଆହତମାନେ ହେଲେ ସସ୍ମିତା ଭାରୀମଲ୍ଲ, ମମତା ଭାରୀମଲ୍ଲ, ନିତ୍ୟାନନ୍ଦ ବେହେରା ଏବଂ ଡମଣଭୂଇଁର ଗୀତାଞ୍ଜଳି ମାର୍ଥା। ଗୁରୁତର ଅବସ୍ଥାରେ ସସ୍ମିତା ଓ ମମତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଗୀତାଞ୍ଜଳିଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଉଭୟ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ସୂଚନା ମୁତାବକ, ଶନିବାର ଭୋରରୁ ରାମଚଣ୍ଡୀ ଗ୍ରାମକୁ ଏକ ହାତୀ ପଶି ଆସିଥିଲା। ଏହି ସମୟରେ ମଞ୍ଜୁଲତା ଶୌଚ ପାଇଁ ବାରିକୁ ଯାଇଥିବା ବେଳେ



ହାତୀ ହାବୁଡ଼ରେ ପଡିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ କଚାଡି ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସସ୍ମିତା ଓ ମମତା ଦୌଡିପଳାଇବାକୁ ଉଦ୍ୟମ କରିବାବେଳେ ହାତୀଟି ଉଭୟଙ୍କ ଟେକି ଫୋପାଡି ଦେଇଥିଲା। ପୁଣି ନିତ୍ୟାନନ୍ଦ ବାରିକୁ ଯାଉଥିବାବେଳେ ହାତୀ ପଛପଟୁ ତାଙ୍କୁ ଟେକି କଚାଡ଼ି ଦେଇଥିଲା। ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ଗ୍ରାମବାସୀ ସମସ୍ତ ଆହତଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ମଞ୍ଜୁଲତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁ ମୁଣ୍ଡରେ ହାତୀ ବୁଲୁଥିବା ନେଇ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି ଗୁରୁତ୍ୱ ଦେଇ ନ ଥିଲେ। ବନ ବିଭାଗର ଏପରି ଅବହେଳାରୁ ଜଣଙ୍କ ପରେ ଜଣଙ୍କ ଜୀବନ ଯାଉଛି। ଅନେକେ ଆହତ ମଧ୍ୟ ହୋଇଛନ୍ତି। ଏହି ହାତୀ ପୂର୍ବରୁ ଟାଙ୍ଗୀ ବନାଞ୍ଚଳରେ ୪ଜଣଙ୍କ ମୁଣ୍ଡ ନେଇଥିବା ଚର୍ଚ୍ଚା ହେଉଛି। ହାତୀକୁ ନିୟନ୍ତ୍ରଣ କରିବାରେ ବନ ବିଭାଗ ବିଫଳ ହୋଇଛି ବୋଲି ରାମଚଣ୍ଡୀ ଗ୍ରାମବାସୀ କହିଛନ୍ତି। ସେହିପରି ଟାଙ୍ଗୀ ବନାଞ୍ଚଳ ଅଧୀନ ଡମଣଭୂଇଁ କାଜୁ ଜଙ୍ଗଲରେ ଶନିବାର ସକାଳ ୮ଟାରେ ଏକ ହାତୀ ଗୀତାଞ୍ଜଳିଙ୍କୁ ଟେକି କଚାଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ସରିଲା ସମାବର୍ତ୍ତନ, ରହିଗଲା ଅସନ୍ତୋଷ

ଭୁବନେଶ୍ୱର, ୩।୪(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ

ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଶେଷ ହୋଇଛି। ଗୁରୁବାର ଗତବର୍ଷ ପାଇଁ ପଦକ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଶନିବାର ୫୦ତମ ସମାବର୍ତ୍ତନ ସମାରୋହରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କରୋନା କଟକଣାକୁ କଡ଼ାକଡ଼ି କରାଯାଇଥିଲା। ହେଲେ କଟକଣା ଭିତରେ ସୃଷ୍ଟି ହୋଇଥିବା ନାନା ଅବ୍ୟବସ୍ଥା ଓ ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସମାବର୍ତ୍ତନ ଉତ୍ସବ ଆରମ୍ଭ ପୂର୍ବରୁ ଶେଷ ପର୍ଯ୍ୟନ୍ତ ଭିନ୍ନ ପରିବେଶ ସୃଷ୍ଟି ହୋଇଥିଲା।

### ରାତାରାତି ବଦଳିଥିଲା ଅଂଶଗ୍ରହଣକାରୀଙ୍କ ସଂଖ୍ୟା

ଉତ୍ସବରେ ୫୦୦ଜଣ ଅଂଶଗ୍ରହଣ କରିବେ ବୋଲି ପୂର୍ବରୁ କର୍ତ୍ତୃପକ୍ଷ କହିଥିଲେ। କିନ୍ତୁ ହଠାତ୍ ଶୁକ୍ରବାର ରାତିରେ ୨୦୦ଜଣ ଅଂଶଗ୍ରହଣ କରିବେ ବୋଲି କୁହାଯାଇଥିଲା। ଅନ୍ୟ ୩୦୦ଜଣ ନିମନ୍ତ୍ରଣ ସହ କୋଭିଡ୍ ନେଗେଟିଭ୍ ରିପୋର୍ଟ ଆଣିଥିଲେ ମଧ୍ୟ ସେମାନଙ୍କୁ ଅନୁମତି ମିଳି ନ ଥିଲା। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ଶୁଣିବାକୁ ମିଳିଛି ଯେ, ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ ଯେଉଁମାନଙ୍କର କୋଭିଡ୍ ଟେଷ୍ଟ ହୋଇଥିଲା, ସେମାନଙ୍କ ମଧ୍ୟରୁ ଜଣଙ୍କର କରୋନା ପଜିଟିଭ୍ ବାହାରିଥିବା ଜଣାପଡ଼ିଛି। ତେଣୁ ରାତାରାତି ଅଂଶଗ୍ରହଣକାରୀଙ୍କ ସଂଖ୍ୟା କମାଇ ଦିଆଯାଇଛି ବୋଲି ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଆଲୋଚନା ହେଉଥିଲା। ତେବେ ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ସୂଚନା ମିଳି ନ ଥିଲା।

### ମାନିଲେନି କୋଭିଡ୍ ନିୟମ

ବିଶ୍ୱବିଦ୍ୟାଳୟରେ ସକାଳ ୧୦ଟା ୨୦ ମିନିଟ୍‌ରେ ପହଞ୍ଚିଥିଲେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ। କାର୍ଯ୍ୟକ୍ରମ ୧୦ଟା ୩୦ରେ ଆରମ୍ଭ ହୋଇ ୧୧ଟା ୩୦ରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମ ସମୟରେ ସମସ୍ତେ କୋଭିଡ୍ ନିୟମକୁ ଠିକ୍ ଭାବେ ପାଳନ କରୁଥିଲେ। କିନ୍ତୁ କାର୍ଯ୍ୟକ୍ରମ ସରିବା ପରେ ସତେଯେପରି କରୋନାକୁ କାହାର ଡରଭୟ ନ ଥିଲା। ସମସ୍ତେ କରୋନା ନିୟମକୁ ଫୁ କରିଦେଇଥିଲେ।

## ଉପରାଷ୍ଟ୍ରପତିଙ୍କ ଗସ୍ତବେଳେ କଳାପତାକା ଦେଖାଇଲେ

ଭୁବନେଶ୍ୱର,୩।୪(ବ୍ୟୁରୋ)

ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କ ଗସ୍ତ ସମୟରେ ଶନିବାର ଆମ ଅଧିକାର ସଂଗଠନ ପକ୍ଷରୁ ଭୁବନେଶ୍ୱରଠାରେ କଳାପତାକା ପ୍ରଦର୍ଶନ କରାଯାଇଛି। ଜଣେ ଶିକ୍ଷାବିତ୍‌ଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟରେଟ ଉପାଧି ପ୍ରଦାନକୁ ବିରୋଧ କରି ଏପରି ପ୍ରତିବାଦ କରାଯାଇଥିଲା। ଉପରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବାକୁ ରାଜଭବନରୁ ଯିବାବେଳେ ସୂଚନା ଭବନ ନିକଟରେ ସଂଗଠନର କର୍ମକର୍ତ୍ତା କଳାପତାକା ଦେଖାଇଥିଲେ। ଏହି ସମୟରେ କ୍ୟାପିଟାଲ ଥାନା ପୋଲିସ ସଙ୍ଗଠନର ମୁଖ୍ୟ ଅମିୟ ପାଣ୍ଡବଙ୍କ ସମେତ ୪ଜଣଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡିଛି। ଅମିୟ କହିଛନ୍ତି, ଉକ୍ତ ଶିକ୍ଷାବିତ୍‌ଙ୍କ ନାମରେ ସରକାରୀ ଓ



କଳାପତାକା ଦେଖାଉଥିବା ଜଣେ ଯୁବକଙ୍କୁ ପୋଲିସ କାବୁ କରି ନେଉଛି।

ଜଙ୍ଗଲ ଜମି ହଡପ ପରି ମାମଲା ରହିଛି। ରାଜ୍ୟରେ ଏଭଳି ଜଣେ ବ୍ୟକ୍ତିଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରିବା ନିଶ୍ଚିତ ଦୁଃଖର କଥା। ତେଣୁ ଏହାକୁ ଆମେ ବିରୋଧ କରୁଛୁ ବୋଲି ଅମିୟ କହିଛନ୍ତି।

## ଖବରଦାତା ହଟହଟା, ଛାତ୍ରୀଛାତ୍ର ଓ କର୍ମଚାରୀ ନିରାଶ

କରୋନା କଟକଣା ନାଁରେ ପ୍ରଥମେ ଖବରଦାତାଙ୍କୁ କ୍ୟାମ୍ପସ ଭିତରକୁ ଯିବାକୁ ବାରଣ କରାଯାଇଥିଲା। ଏ ନେଇ କୁଳପତି ଉତ୍ସବର ଦୁଇଦିନ ପୂର୍ବରୁ ସୂଚନା ଦେଇଥିଲେ। କିନ୍ତୁ ଖବରଦାତାମାନେ ସ୍ୱର ଉଠାଇବାରୁ ସେମାନଙ୍କୁ ସମାବର୍ତ୍ତନ କାର୍ଯ୍ୟକ୍ରମର ଲାଇଭ୍ ଦେଖିବା ପାଇଁ ଇ-ଲାଇବ୍ରେରୀରେ ବ୍ୟବସ୍ଥା ହୋଇଥିଲା। ହେଲେ ସେଠାରେ ପ୍ରୋଜେକ୍ଟର ବଦଳରେ ଟିଭି ରଖାଯାଇଥିଲା। ସେଥିରେ ବି ସମସ୍ୟା ସୃଷ୍ଟି ହୋଇଥିଲା। ପୂର୍ବାହ୍ନ ୧୦ଟା ୩୦ରେ ଉତ୍ସବ ଆରମ୍ଭ ହୋଇଥିଲେ ମଧ୍ୟ ଉକ୍ତ ଟିଭିରେ ନେଟ୍‌ୱର୍କ ଆସି ନ ଥିଲା। ଫଳରେ ପ୍ରାୟ ୧୦ଟା ୫୫ ପର୍ଯ୍ୟନ୍ତ ୨୫ ମିନିଟ୍ ଧରି କେହି ଏହି କାର୍ଯ୍ୟକ୍ରମ କେହି



ଖବରଦାତା, ଛାତ୍ର ଓ କର୍ମଚାରୀମାନେ ନିରାଶରେ ବସିଛନ୍ତି।

### ୨୫ମିନିଟ୍ ଦେଖି ପାରିଲେନି କାର୍ଯ୍ୟକ୍ରମ

ଦେଖି ପାରି ନ ଥିଲେ। ସେଠାରେ ମଧ୍ୟ ବିଶ୍ୱବିଦ୍ୟାଳୟର ଅନ୍ୟ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ର ଉତ୍ସବ ଦେଖିବାକୁ ଅପେକ୍ଷା କରିଥିଲେ। ସମସ୍ତେ ନିରାଶ ହେବା ସହିତ ଏପରି ଅବ୍ୟବସ୍ଥାକୁ ନେଇ ନିନ୍ଦା କରିଥିଲେ। ସେହିପରି ସମାବର୍ତ୍ତନ ଉତ୍ସବରେ ଯୋଗଦେବା ପାଇଁ କର୍ତ୍ତୃପକ୍ଷ ଖବରଦାତାଙ୍କୁ ନିମନ୍ତ୍ରଣ ପତ୍ର ପଠାଇଥିଲେ। ନିମନ୍ତ୍ରଣ ପତ୍ର ଓ କୋଭିଡ୍ ନେଗେଟିଭ୍ ରିପୋର୍ଟ ସହିତ ଖବରଦାତା ପହଞ୍ଚିଥିଲେ ମଧ୍ୟ ଉତ୍ସବ ସ୍ଥଳକୁ ଯିବାକୁ ଅନୁମତି ଦିଆଯାଇ ନ ଥିଲା।

## ପ୍ରବେଶ ପଥରେ ଉତ୍ତେଜନା

ସମାବର୍ତ୍ତନ ଉତ୍ସବରେ ଯୋଗଦେବା ପାଇଁ କୋଭିଡ୍ ନେଗେଟିଭ୍ ରିପୋର୍ଟ ଜରୁରୀ ଥିଲା। ତେଣୁ ସମସ୍ତ ଅଂଶଗ୍ରହଣକାରୀ କୋଭିଡ୍ ଟେଷ୍ଟ କରିଥିଲେ। କିନ୍ତୁ ପ୍ରବେଶ ପଥରେ ଏହି ରିପୋର୍ଟକୁ ନେଇ ଉତ୍ତେଜନା ଦେଖାଯାଇଥିଲା। ପୁରାତନ ଛାତ୍ର ଓ ପୋଲିସ ମଧ୍ୟରେ ହୋଇଥିଲା ଗଣ୍ଡଗୋଳ। ପୁରାତନ ଛାତ୍ର କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇଥିଲେ ମଧ୍ୟ ତାଙ୍କୁ ପ୍ରବେଶ ପାଇଁ ଅନୁମତି ମିଳି ନ ଥିଲା।



ସମାବର୍ତ୍ତନ ଉତ୍ସବ ସ୍ଥଳର ପ୍ରବେଶ ପଥରେ ଉତ୍ତେଜନା।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ଦେବଜ୍ୟୋତି



@ ସୁରଜ



@ ପୂର୍ଣ୍ଣେନ୍ଦୁ



@ ଏନାଲି



@ ନବୀନ



@ ରବୀନ୍ଦ୍ର



@ ସତ୍ୟବ୍ରତ



ଭୁବନେଶ୍ୱର ଉପକଣ୍ଠ ମଦନପୁରସ୍ଥିତ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ପଞ୍ଚ ଦୋଳ ମେଳଣରେ ଠାକୁର ଓ ଶ୍ରଦ୍ଧାଳୁଙ୍କ ରଙ୍ଗ ଖେଳ।

# ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ପାଇଁ 'ଦାଦନ' ମନୋନୀତ

ଭୁବନେଶ୍ୱର, ୩।୪ (ବ୍ୟୁରୋ)

ହାର୍‌ମୋନୀ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'ଦାଦନ' (ଏକ ଆମ୍ କାହାଣୀ) ଚମ୍ବଲ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ପାଇଁ ମନୋନୀତ ହୋଇଛି। ଆସନ୍ତା ୧୬ ଓ ୧୭ ତାରିଖରେ ରାଜସ୍ଥାନ କୋଟ ସହରର ୟୁଆଟି ଅଡିଟୋରିୟମଠାରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୪୦ ଦେଶ ଓ ଭାରତର ବିଭିନ୍ନ ଭାଷାର ପ୍ରାୟ ୪୭୦ ଚଳଚ୍ଚିତ୍ର, କ୍ଷୁଦ୍ର ଚଳଚ୍ଚିତ୍ର, ପ୍ରାମାଣିକ ଚଳଚ୍ଚିତ୍ର, ମ୍ୟୁଜିକ୍ ଭିଡିଓ ଆଦି ପ୍ରଦର୍ଶିତ ହେବ।

ଅଭାବ ଦୂର କରିବା ସହ କରଜ ଶୁଝିବା ଆଶାରେ ପରିବାର ଧରି ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଚାଲିଯାଏ। ସେଠାରେ ୨୩ମାସ କାମ କରିବା ପରେ ହଠାତ୍ କରୋନା ମହାମାରୀ ପାଇଁ ଲକ୍‌ଡାଉନ ହୁଏ। ସମସ୍ତ କଳକାରଖାନା ବନ୍ଦ ହୋଇଯିବା ପରେ ରୋଜଗାର ହରାଇବସେ। କରଜ ଶୁଝିବା ଦୂରର କଥା ସ୍ତ୍ରୀ ଛୁଆଙ୍କୁ ଖାଇବାକୁ ଦେଇ ପାରେନି। ସବୁଆଡୁ ହତାଶ ହୋଇ ଶେଷରେ ନିଜ ଭିଟାମାଟିକୁ ଫେରିବାକୁ ନିଷ୍ପତ୍ତି ନିଏ। ଅନ୍ୟ ଶ୍ରମିକଙ୍କ ପରି ଭୋକ ଉପାସରେ ଗାଁକୁ ଫେରିବା ବାଟରେ ସ୍ତ୍ରୀ ଓ ଛୁଆକୁ ହରାଇ ବସେ। ଶେଷରେ କରୋନାର ଭୟ ଓ ଭୋକର ତାଡନା ତା' ଜୀବନର




ଗତି ପଥକୁ ବଦଳାଇ ଦିଏ। ଏଭଳି ଏକ ହୃଦୟସ୍ପର୍ଶୀ କାହାଣୀକୁ ନେଇ ୩୦ ମିନିଟ ୫୮ ସେକେଣ୍ଡର କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ଜି. ଅଶୋକ କୁମାର। ଚଳଚ୍ଚିତ୍ରର ସଂଳାପଗୁଡିକୁ ସୁନ୍ଦର ଭାବେ ସଜାଇଛନ୍ତି ସଂଳାପକାର ବିଜୟ ରାଉଳ। ପ୍ରଭାତ ନଳିନୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରର ପରିକଳ୍ପନା, ଗୀତ ରଚନା, ସଂଗୀତ ନିର୍ଦ୍ଦେଶନା, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ନିଜେ ଜି. ଅଶୋକ କୁମାର କରିଛନ୍ତି। ବନମାଳୀ, ଦ୍ୱିଷ୍ଟା, ସୁଧାଂଶୁ, କାଞ୍ଚନ, ଦେବବ୍ରତ, ବିସ୍ମୟ ଓ ମଧୁ ଏଥିରେ ଖୁବ୍ ସୁନ୍ଦର ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ଟାଇଟଲ୍ ଗୀତ 'ଦାଦନ' ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇପାରିଛି। ଆଗାମୀ ଦିନରେ ଚଳଚ୍ଚିତ୍ର ଅନ୍ୟ କେତେକ ମହୋତ୍ସବରେ ଭାଗ ନେବା ପାଇଁ ପ୍ରଯୋଜନା ସଂସ୍ଥା ଆଶା ରଖିଛି।

## ଉପରାଷ୍ଟ୍ରପତିଙ୍କୁ ଭେଟିଲେ ଐକ୍ୟତାର ପ୍ରତିନିଧି

**କଟକ ଅଫିସ:** ଐକ୍ୟତା ଅନୁଷ୍ଠାନର ପ୍ରତିନିଧି ମଣ୍ଡଳୀ ଶନିବାର ଭୁବନେଶ୍ୱରସ୍ଥିତ ରାଜଭବନରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଓ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଉପରାଷ୍ଟ୍ରପତି ସମସ୍ତ ତେଲୁଗୁ ଲୋକ ଏକତ୍ରିତ ହୋଇ ସ୍ଥାନୀୟ ଲୋକଙ୍କ ସହ ଭାଇଚାରା ରକ୍ଷା କରି ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଥିଲେ। ଐକ୍ୟତାର ଆବାହକ ଗୌର କୈଳାଶ ରାଓ, ସଭାପତି କେ. ଦୁର୍ଗା ପ୍ରସାଦ ରାଓ, ସମ୍ପାଦକ କେ. ରାମାରାଓ, ଐକ୍ୟତାର ଶିକ୍ଷା ନିର୍ଦ୍ଦେଶକ ବାତିନା ବାଲାଜୀ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରୁ ୭୧ ଚିହ୍ନଟ, ୪ ମାସରେ ସର୍ବାଧିକ

## ହଟ୍‌ସ୍ପଟ ପାଲଟିଲାଣି ନୟାପଲ୍ଲୀ

ଭୁବନେଶ୍ୱର, ୩।୪(ବ୍ୟୁରୋ)

ଗତବର୍ଷ ରାଜ୍ୟର ପ୍ରଥମ କରୋନା ପଜିଟିଭ୍ ଭୁବନେଶ୍ୱରରୁ ଚିହ୍ନଟ ହୋଇଥିଲେ। ମାତ୍ର କେଇଟା ଦିନରେ ସହର ହଟ୍‌ସ୍ପଟ ପାଲଟିଯାଇଥିଲା। ଏବେ ଏଠାରେ ସଂକ୍ରମଣ ମାଡ଼ି ଚାଲିଥିବାବେଳେ ଖୁବ୍‌ଶୀଘ୍ର ସେପରି ସ୍ଥିତି ପୁଣି ଉପୁଜିବାର ଆଶଙ୍କା ଦେଖାଦେଲାଣି। ଗତ ୨୪ଘଣ୍ଟାରେ ରାଜ୍ୟରେ ୪୫୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କେବଳ ଭୁବନେଶ୍ୱରରୁ ୭୧ଜଣ ରହିଛନ୍ତି। ଏହା ଶେଷ ୪ ମାସ ଓ ଚଳିତବର୍ଷର ସର୍ବାଧିକ। ନଭେମ୍ବର ୯ରେ ୭୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାପରେ ଧୀରେ ଧୀରେ ଆକ୍ରାନ୍ତଙ୍କ ସଂଖ୍ୟା କମି କମି ୧କୁ ବି ଖସିଆସିଥିଲା। ପ୍ରାୟ ସାଢ଼େ ୪ମାସ ପରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୭୦ ଟପିଥିବାବେଳେ ୫୬ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ତେବେ ନୟାପଲ୍ଲୀରୁ ପ୍ରତିଦିନ ୫ରୁ ୧୦ଜଣ ଆକ୍ରାନ୍ତ ହେଉଥିବାରୁ ଏଠାରେ ସ୍ଥିତି କ୍ରମଶଃ ବିଗୁଡୁଥିବା ଜଣାପଡିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ନୟାପଲ୍ଲୀର ୫ଜଣ ସ୍ଥାନୀୟ ଆକ୍ରାନ୍ତ ରହିଥିବାବେଳେ ଜଣେ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ସହରରେ ବର୍ତ୍ତମାନ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୦୨ରେ ପହଞ୍ଚିଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି।

## ୯୯ ହିଷ୍ଟ୍‌ସ ବାର୍ ସିଲ୍, ଏକାଧିକ ଦୋକାନରୁ ଜରିମାନା










ସଂକ୍ରମଣ ବଢୁଥିଲେ ମଧ୍ୟ ଲୋକେ କରୋନା କଟକଣା ଓ ନିୟମକୁ ମାନୁନାହାନ୍ତି। ବିଶେଷକରି ହାଟବଜାରରେ ସ୍ଥିତି ଉଦ୍‌ବେଗଜନକ ରହୁଛି। କଟକଣାକୁ କଡାକଡ଼ି ପାଳନ ପାଇଁ ବିଏମ୍‌ସି ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ଶୁକ୍ରବାର ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ମାର୍କେଟ ବିଲ୍ଡିଂରେ ଚଢ଼ାଉ କରି ବିଶାଳ ମେଗାମାର୍ଟକୁ ସିଲ୍ କରିବା ସହ ଶୋ'ରୁମ୍ ଓ ଦୋକାନ ମାଲିକଙ୍କଠାରୁ ଜରିମାନା ଆଦାୟ କରିଥିଲା। ଶନିବାର ବିଏମ୍‌ସିର ନର୍ଥ ଜୋନ୍ ଅନ୍ତର୍ଗତ ଇନ୍‌ଫୋସିଟି ଓ ପଟିଆ ଅଞ୍ଚଳରେ କୋଭିଡ୍ ଏନ୍‌ଫୋର୍ସମେଣ୍ଟ ହୋଇଥିଲା। କୋଭିଡ୍ ଗାଇଡ୍‌ଲାଇନର ଉଲ୍ଲଂଘନ ହୋଇଥିବାରୁ ଇନ୍‌ଫୋସିଟିରେ ଥିବା ୯୯ ହିଷ୍ଟ୍‌ସ ବାର୍‌କୁ ସିଲ୍ କରାଯିବା ସହ ୯୯ନର୍ଥ ରେଷ୍ଟୁରାଣ୍ଟଠାରୁ ୫ହଜାର ଜରିମାନା ଆଦାୟ କରାଯାଇଛି। ସେହିପରି କର୍ମଚାରୀମାନେ ମାସ୍କ ପିନ୍ଧି ନ ଥିବା ଯୋଗୁ ଖାଓ ଗଲିର ଏକ ଫୁଡ୍ ଭ୍ୟାନ୍‌କୁ ବନ୍ଦ କରି ଦିଆଯିବା ସହିତ ଅନ୍ୟ ଖାଦ୍ୟ ଦୋକାନରୁ ୧୩,୫୦୦ଟଙ୍କା ଜରିମାନା ଆଦାୟ କରିଛି ବିଏମ୍‌ସି। ସେହିପରି ପ୍ରବଳ ଗହଳି ହୋଇଥିବାରୁ କିମ୍ସ ନିକଟରେ ଥିବା ଏକ ଚା' ଦୋକାନକୁ ମଧ୍ୟ ବନ୍ଦ କରାଯାଇଛି। ଚଢ଼ାଉରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ନର୍ଥ ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ ଓ ଏନ୍‌ଫୋର୍ସମେଣ୍ଟର ଆସିଷ୍ଟାଣ୍ଟ କମିଶନର ଲିଲନ ପ୍ରସାଦ ସାହୁ ସାମିଲ ହୋଇଥିଲେ। ଏନ୍‌ଫୋର୍ସମେଣ୍ଟ ଟିମ୍‌ର ପ୍ରମୋଦ ଜେନା, ହରିହର ରାଉତ, ଶ୍ରୀକାନ୍ତ ମହାନ୍ତି ଓ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜଙ୍ଗଲରୁ ଯୁବକଙ୍କ ଗଳିତ ମୃତଦେହ ଜବତ

ଖୁଣ୍ଟୁଣୀ,୩।୪(ଡି.ଏନ.ଏ): ଖୁଣ୍ଟୁଣୀ ଥାନା ଅଧୀନ ମଗଧା ସଂରକ୍ଷିତ ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅଧୀନ ରାହାଙ୍ଗୁଳ ଗ୍ରାମର ତପନ ବେହେରା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ. ୧/୨୧) ରୁଜୁ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ପ୍ରାୟ ୪ ବର୍ଷ ହେବ ସ୍ତ୍ରୀ ଛାଡି ପଳାଇବାରୁ ତପନ ଏଣେତେଣେ ବୁଲାବୁଲି କରୁଥିଲେ ଓ ତାଙ୍କର ଖାଇବାପିଇବା ଠିକ୍ ନ ଥିଲା। କିଛିଦିନ ହେବ ତପନଙ୍କୁ ଗ୍ରାମବାସୀ ଦେଖି ନ ଥିବା କହିଛନ୍ତି। ତେବେ ଶନିବାର ଜଙ୍ଗଲକୁ ଯାଇଥିବା ଲୋକମାନେ ମୃତଦେହକୁ ଦେଖି ପୋଲିସକୁ ଖବର ଦେଇଥିଲେ। ଖାଇବାକୁ ନ ପାଇ ସେ ହୁଏତ ଜଙ୍ଗଲରେ ପଡି ମୃତ୍ୟୁ ଘଟିଥାଇପାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।

### ୩ ବଖରା ଜଳିଗଲା

ତିଗିରିଆ, ୩।୪ (ଡି.ଏନ୍.ଏ.): ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ଗ୍ରାମରେ ଶନିବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ଜଗନ୍ନାଥ ସେଠ, ସନ୍ତୋଷ ସେଠ ଏବଂ ଭିକାରୀ ଚରଣ ସେଠଙ୍କ ଗୋଟିଏ ଲେଖାଏ ବଖରା ଜଳିଯାଇଛି। ଏଥିରେ ଘରର ଆସବାବପତ୍ର ସମେତ ଖାଦ୍ୟ ସାମଗ୍ରୀ ଆଦି ଜଳିଯାଇଛି। ବିଦ୍ୟୁତ୍ ଶର୍ଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ତିଗିରିଆ ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇଥିଲା।

### ଏକତରଫା ପ୍ରେମରୁ ଆକ୍ରମଣ : ଯୁବକ ଗିରଫ

ସାଲେପୁର, ୩।୪(ଡି.ଏନ୍.ଏ.): ସାଲେପୁର ଥାନା ଅଞ୍ଚଳରେ ଏକ ତରଫା ପ୍ରେମ କରି ସଫଳ ନ ହେବାରୁ ଜଣେ ଯୁବତୀଙ୍କୁ ଶନିବାର ମାଡ଼ ମାରି ଆକ୍ରମଣ କରାଯାଇଛି। ଏହି ଅଭିଯୋଗରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସାଲେପୁର ଥାନା ଅଞ୍ଚଳର ରାକେଶ ସ୍ୱାଇଁ। ଅଭିଯୋଗ ଅନୁଯାୟୀ, ଜଗତପୁର ଥାନା ଅଞ୍ଚଳର ଜଣେ ଯୁବତୀ ସାଲେପୁରସ୍ଥିତ ଏକ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରରେ କାର୍ଯ୍ୟ କରନ୍ତି । ରାକେଶ ତାଙ୍କୁ ଏକ ତରଫା ଭାବେ ଭଲ ପାଉଥିଲେ। ଏନେଇ ସେ ବାରମ୍ବାର ପ୍ରେମ ନିବେଦନ କରିଥିଲେ । ମାତ୍ର ଯୁବତୀ ଜଣକ ରାଜି ନ ହେବାରୁ ସେ ତାଙ୍କୁ ଧମକ ଦେବା ସହ ଏସିଡ୍ ପକାଇ ଦେବାକୁ ପୂର୍ବରୁ ବହୁ ସମୟରେ ଟେଲିଫୋନ୍‌ରେ ଧମକ ଦେଇଥିଲେ। ଶନିବାର ଯୁବତୀ ଜଣକ ଗ୍ରାହକ ସେବା କେନ୍ଦ୍ରରେ କାର୍ଯ୍ୟ କରୁଥିବା ବେଳେ ରାକେଶ ଏକ ବାଇକ୍‌ରେ ସେଠାରେ ପହଞ୍ଚି ତାଙ୍କୁ ବାହାରକୁ ଡାକିଥିଲେ। ସମ୍ପୃକ୍ତ ଯୁବତୀ ବାହାରକୁ ଆସିବା ପରେ ରାକେଶ ତାଙ୍କୁ ଚାପୁଡ଼ା ମାରିବା ସହ ଚୁଟିକୁ ଧରି ରାସ୍ତାରେ ଘୋଷାଡ଼ି ନେଇଥିଲେ। ଏହି ସମୟରେ ଗ୍ରାହକ ସେବା କେନ୍ଦ୍ର ମାଲିକ ସେଠାରେ ପହଞ୍ଚି ପାଟି କରିବାରୁ ସ୍ଥାନୀୟ ଲୋକେ ରାକେଶଙ୍କୁ କାବୁ କରି ଜପକୁଦ ଫାଣ୍ଡି ପୋଲିସ ଜିମା ଦେଇଥିଲେ। ଏନେଇ ଫାଣ୍ଡିରେ ମାମଲା (ନଂ.୭୩/୨୧) ରୁଜୁ ହୋଇଛି।

# ବିବାହ ପାଇଁ ୧୦୦ ଜଣଙ୍କୁ ଅନୁମତି

କଟକ ଅଫିସ,୩।୪




**ସିଏମ୍‌ସିର କରୋନା ଗାଇଡ୍‌ଲାଇନ**
- ଶୁଦ୍ଧିକ୍ରିୟାରେ ୫୦ ଜଣ
- ସୁବର୍ଣ୍ଣ ଓ ରୌପ୍ୟ ଜୟନ୍ତୀ, ଶତବାର୍ଷିକୀ ପାଳନକୁ ବାରଣ
- ୬ରୁ ଲାଗୁହେବ

କଟକ ସହରରେ ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଶନିବାର ନୂତନ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ତଦନୁଯାୟୀ, ବିବାହ ଉତ୍ସବରେ ୧୦୦ଜଣ ଓ ଶୁଦ୍ଧି କାର୍ଯ୍ୟରେ ସାମିଲ ହେବା ପାଇଁ ୫୦ଜଣଙ୍କୁ ଅନୁମତି ଦିଆଯିବ। ବିବାହ ଓ ଶୁଦ୍ଧି କାର୍ଯ୍ୟରେ କୋଭିଡ୍ କଟକଣା କଡ଼ାକଡ଼ି ପାଳନ ହେବ। କଟକ ମହାନଗର ନିଗମ ଅଞ୍ଚଳରେ ସମ୍ମିଳନୀ ଓ ସମାବେଶ ଉପରେ ସିଏମ୍‌ସି ପକ୍ଷରୁ କଟକଣା ଲଗାଯାଇଛି । କୌଣସି ସଂସ୍ଥା ଓ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ ହୋଇପାରିବ ନାହିଁ। ସେହିପରି କୌଣସି ଅନୁଷ୍ଠାନର ସୁବର୍ଣ୍ଣ ଓ ରୌପ୍ୟ ଜୟନ୍ତୀ ସମେତ ଶତବାର୍ଷିକୀ ସମାରୋହ ପାଳନକୁ ବାରଣ କରାଯାଇଛି। ଆସନ୍ତା ୬ ତାରିଖରୁ ଏହି ଗାଇଡ୍‌ଲାଇନ୍ ଲାଗୁ କରାଯିବ ବୋଲି ଶନିବାର ସିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯଦି କୌଣସି ଅନୁଷ୍ଠାନ କିମ୍ବା ସଂସ୍ଥା ବୈଠକ, ସମାବେଶ କରିବାକୁ ଚାହାନ୍ତି ତା'ହେଲେ ଏଥିପାଇଁ ସିଏମ୍‌ସିରୁ ଅନୁମତି ଆଣିବାକୁ ପଡିବ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ସିଏମ୍‌ସି ୧୦୦ ଜଣଙ୍କୁ ନେଇ ବୈଠକ ବା ସମାବେଶ କରିବାକୁ ଅନୁମତି ଦିଆଯିବ। ଆସନ୍ତା ୬ ତାରିଖ ପୂର୍ବରୁ ଯଦି କେହି ସମ୍ମିଳନୀ, ସମାବେଶ କିମ୍ବା ଅନ୍ୟ କୌଣସି ସାମାଜିକ କାର୍ଯ୍ୟକ୍ରମ ପାଇଁ ସିଏମ୍‌ସି ଠାରୁ ଅନୁମତି ନେଇଥିବେ ତେବେ ତାହା କାର୍ଯ୍ୟକାରୀ ହେବନାହିଁ ବରଂ ନୂତନ ଗାଇଡ୍‌ଲାଇନ୍ ଅନୁଯାୟୀ ତାହା କାର୍ଯ୍ୟକାରୀ ହେବ ବୋଲି ଉକ୍ତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏହି ଗାଇଡ୍‌ଲାଇନ୍ ଉଲ୍ଲଂଘନ କଲେ ୧୦୦୦ ଟଙ୍କାରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ। ନଚେତ୍ ୨ବର୍ଷ କାରାଦଣ୍ଡର ବ୍ୟବସ୍ଥା ରହିଛି ବୋଲି ସିଏମ୍‌ସି ସେକ୍ରେଟାରୀ ଲତାଶ୍ରୀ ବାଗ୍ କହିଛନ୍ତି।

### ଶିଶୁଆରେ ପଞ୍ଚଦୋଳ

ବାଙ୍କୀ,୩।୪(ବି.ପ୍ର.)

ବାଙ୍କୀ ଏନଏସି ଅନ୍ତର୍ଗତ ଶିଶୁଆ ଗ୍ରାମରେ ପାରମ୍ପରିକ ପଞ୍ଚଦୋଳ ଉତ୍ସବ ନିରାଡ଼ମ୍ବରେ ଅନୁଷ୍ଠିତ ହେଉଛି । ଶୁକ୍ରବାର ରାଧାକୃଷ୍ଣଙ୍କ ପ୍ରତିମାକୁ ଗ୍ରାମ ପରିକ୍ରମା କରାଯାଇ ଚାଚେରୀ ଭୋଗ ଦିଆଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଶନିବାର ସକାଳେ ବିମାନରେ ଠାକୁରଙ୍କୁ ପୁନଃ ପରିକ୍ରମା କରାଯାଇ ପଞ୍ଚଦୋଳ ଭୋଗ ଅର୍ପଣ କରାଯାଇଥିଲା।

### ଏଏସ୍‌ଆଇ ଅକ୍ଷୟ ସ୍ୱାଇଁ ସମ୍ବର୍ଦ୍ଧିତ

ଟାଙ୍ଗୀ,(କଟକ)୩।୪(ଡି.ଏନ୍.ଏ.)

କଟକ ଗ୍ରାମାଞ୍ଚଳ ପୋଲିସ ଅନ୍ତର୍ଗତ ଟାଙ୍ଗୀ ଥାନାରେ କାର୍ଯ୍ୟରତ ଅକ୍ଷୟ କୁମାର ସ୍ୱାଇଁଙ୍କୁ ୨୦୨୦ବର୍ଷ ନିମନ୍ତେ ଜିଲାର ଶ୍ରେଷ୍ଠ ଏଏସ୍‌ଆଇ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ୮୬ତମ ପୋଲିସ ପ୍ରତିଷ୍ଠା ଦିବସରେ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗୋଳକିଶୋର ଏଏସ୍‌ଆଇ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।




ଭୁବନେଶ୍ୱର ଭରତପୁରସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ହସ୍ପିଟାଲ ପରିସରକୁ ଡ୍ରେନ୍ ପାଣି ପଶିଯାଇଥିବାରୁ ଫାଟକକୁ ବନ୍ଦ ରଖାଯାଇଛି।

### 'ମଧୁବାବୁଙ୍କ ପାଇଁ ଓଡ଼ିଆ ଜାତି ଗର୍ବିତ'

ସାଲେପୁର, ତା.୩।୪(ଡି.ଏନ୍.ଏ.)

ସାଲେପୁର ଆଞ୍ଚଳିକ ଖବରଦାତା ସଂଘର ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୨ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କେନ୍ଦ୍ରାପଡ଼ା ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ହାଇଟେକ୍ ମେଡ଼ିକାଲ୍ କଲେଜ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇଥିଲା। ସଂଘର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ମଧୁବାବୁଙ୍କ ପାଇଁ ଓଡ଼ିଆ ଜାତି ଗର୍ବିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ସବରେ ହାଇଟେକ୍ ମେଡ଼ିକାଲ୍ କଲେଜ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ରେଭିନ୍ୟୁ ଡିଭିଜନାଲ୍ କମିଶନ୍‌ର ଅତିରିକ୍ତ ସଚିବ ବ୍ରହ୍ମାନନ୍ଦ ବେହେରା, ପୂର୍ବତନ ଜିଲାପରିଷଦ ସଭ୍ୟା ଗୀତା ଦାସ ଯୋଗଦେଇଥିଲେ। ସଂଘ ପକ୍ଷରୁ ହୃଷୀକେଶ ମଲ୍ଲିକ, ସୁଧୀର ଶତପଥୀ, ପ୍ରଫୁଲ୍ଲ ମିଶ୍ର, ଦୀପକ ଦାସ, ହେମନ୍ତ କୁମାର ଭୂୟାଁ, ଶିଶିର କୁମାର ଦାଶ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ଶିକ୍ଷାନୁଷ୍ଠାନ ରୂପାନ୍ତରଣ ସମୀକ୍ଷା ବୈଠକ

କଟକ ଅଫିସ,୩।୪

କଟକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମହାନଗର ନିଗମ ଓ ବ୍ଲକ ଅଞ୍ଚଳର ବିଦ୍ୟାଳୟଗୁଡିକ ରୂପାନ୍ତରଣକୁ ନେଇ ଶନିବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରିଥିଲେ। ୫ଟି ଆଧାରରେ ଶିକ୍ଷା କ୍ଷେତ୍ରରେ ଅଧିକ ସଫଳତା ପାଇବା ଆଶା ନେଇ ଜିଲାର ବିଭିନ୍ନ ବ୍ଲକରେ ୧୮ଟି ଏବଂ ମହାନଗର ନିଗମ ଅଞ୍ଚଳର ୧୦ଟି ବିଦ୍ୟାଳୟରେ ଏହି ରୂପାନ୍ତରଣ କାର୍ଯ୍ୟ କରାଯିବ। ଏଥିପାଇଁ ପ୍ରାରମ୍ଭିକ ଆକଳନ ସହ ବିଦ୍ୟାଳୟ ସ୍ତରରେ ଡାଟାବେସ୍ ପ୍ରସ୍ତୁତି, ମନିଟରିଂ କମିଟି ଓ କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇ ଦୁଇ ସପ୍ତାହ ମଧ୍ୟରେ ତଥ୍ୟ ସଂଗ୍ରହ ଏବଂ ରୂପାନ୍ତରଣ ସମ୍ପର୍କରେ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରସ୍ତୁତ କରାଯିବ। ବିଇଓ, ବିଡିଓ, ସ୍ଥାନୀୟ ପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଓ ପୁରାତନ ଛାତ୍ରୀଛାତ୍ରଙ୍କ ସଂପୃକ୍ତିକୁ ସୁନିଶ୍ଚିନ୍ତ କରି ଏହାର ସଫଳ ରୂପାୟନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଚଳିତବର୍ଷ କାର୍ଯ୍ୟକ୍ଷମ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷମାନେ ଏହି ବୈଠକରେ ଯୋଗଦେଇ ସେମାନଙ୍କ ଅନୁଷ୍ଠାନର ସ୍ଥିତାବସ୍ଥା ଓ ଅସୁବିଧା ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର, ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ବାଙ୍କୀ ଉପଜିଲାପାଳ ରଞ୍ଜନ ଜେନା, ଆଠଗଡ଼ ଉପଜିଲାପାଳ ଅଜମ୍ବର ମହାନ୍ତି, ଜିଲା ଶିକ୍ଷା ଅଧିକାରୀ, ଜିଲା ସୂଚନା ପ୍ରଯୁକ୍ତି ଅଧିକାରୀଙ୍କ ସମେତ ୟୁନିସେଫ ପରାମର୍ଶଦାତା, ବିଡିଓ, ବିଇଓ ଏବଂ ଶିକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭଙ୍ଗାଗଲା ୧୨୬ ଘର, ୧୪ ଦୋକାନ

କଟକ ଅଫିସ, ୩।୪



- ତାଳଦଣ୍ଡା କେନାଲ ରାସ୍ତା ସମ୍ପ୍ରସାରଣ ପାଇଁ ଜବରଦଖଲ ଉଚ୍ଛେଦ
- ବିସ୍ଥାପିତଙ୍କୁ ସହାୟତା ରାଶି ପ୍ରଦାନ
- ୮ଦିନ ପାଇଁ ଖାଦ୍ୟ, ଔଷଧ ଦିଆଯିବ

ତାଳଦଣ୍ଡା କେନାଲ ରାସ୍ତା ସମ୍ପ୍ରସାରଣ ପାଇଁ କିଛିଦିନର ବ୍ୟବଧାନ ପରେ ଜିଲା ପ୍ରଶାସନ ପକ୍ଷରୁ ପୁଣି ଉଚ୍ଛେଦ ଆରମ୍ଭ ହୋଇଛି। ଶନିବାର ସକାଳ ୮.୩୦ରୁ ଏହି ଉଚ୍ଛେଦ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ୩୦ରେ ଶେଷ ହୋଇଥିଲା। ରାଣୀହାଟ କଟକ ସୁଇଟ୍ ଷ୍ଟଲ ନିକଟସ୍ଥ ଦାସସାହିଠାରେ ଉଚ୍ଛେଦ କରାଯାଇଥିଲା। ତେବେ ଦାସସାହିରେ ବାସଗୃହ ଓ ଦୋକାନ ମିଶାଇ ମୋଟ୍ ୪୦୦ ଘର ଉଚ୍ଛେଦ କରାଯିବାକୁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଏହି ପ୍ରକ୍ରିୟାରେ ଶନିବାର ଜବରଦଖଲରେ ଥିବା ୧୨୬ଟି ବାସଗୃହ ଓ ୧୪ଟି ଦୋକାନକୁ ୩ଟି ଜେସିବି ସାହାଯ୍ୟରେ ଭଙ୍ଗା ଯାଇଥିଲା। ଆଗାମୀ ଦିନରେ ଦୁଇଟି ପର୍ଯ୍ୟାୟରେ ଅବଶିଷ୍ଟ ବାସଗୃହ ଓ ଦୋକାନ ଭଙ୍ଗାଯିବ। ଶନିବାର ଉଚ୍ଛେଦରେ ପ୍ରଭାବିତଙ୍କୁ ବାଲିସାହି ଶାର୍ଡୋଳସ୍ଥିତ ଅସ୍ଥାୟୀ କ୍ୟାମ୍ପସରେ ୧୦ ଫୁଟ ଲମ୍ବ ଓ ୧୦ ଫୁଟ ଓସାର ସ୍ଥାନରେ ସିଏମ୍‌ସି ପକ୍ଷରୁ ଥଇଥାନ କରାଯାଇଛି। ଏଥିସହ ପ୍ରତ୍ୟେକ ବିସ୍ଥାପିତଙ୍କୁ ସିଏମ୍‌ସି ପକ୍ଷରୁ ୫୦,୦୦୦ ଟଙ୍କାର ଚେକ୍ ଓ ଭଙ୍ଗା ଯାଇଥିବା ଦୋକାନ ମାଲିକଙ୍କୁ ୨୦,୦୦୦ଟଙ୍କାର ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ସେଠାରେ ସେମାନଙ୍କୁ ୮ ଦିନ ଧରି ରନ୍ଧାଖାଦ୍ୟ ଓ ଜରୁରୀ ଔଷଧ ସିଏମ୍‌ସି ପକ୍ଷରୁ ଯୋଗାଇ ଦିଆଯିବ। ତେବେ ସେମାନଙ୍କୁ ପୂର୍ବରୁ ସେଠାରେ ୧୫ ଫୁଟ ଲମ୍ବ ଓ ୧୫ ଫୁଟ ଓସାରରେ ବାସୋପଯୋଗୀ ପ୍ଲଟ୍ ଯୋଗାଇ ଦିଆଯାଇଛି। ଏଥିସହ ସିଏମ୍‌ସି ପକ୍ଷରୁ ବିସ୍ଥାପିତଙ୍କର ଆସବାବପତ୍ର ନେବା ପାଇଁ ୧୫ଟି ଗାଡ଼ି ବ୍ୟବସ୍ଥା କରାଯାଇଥିଲା। ଉଚ୍ଛେଦ ସମୟରେ ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ, ଜୋନ୍-୧ ଏସିପି ଅମରେନ୍ଦ୍ର ପଣ୍ଡା, ମାଲଗୋଦାମ ଥାନା ଅଧିକାରୀ ରବି ନାରାୟଣ ଭଞ୍ଜ, ସିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ସମେତ ୨ ପ୍ଲାଟୁନ ଫୋର୍ସ ଉପସ୍ଥିତ ଥିଲେ।



## ମାଲୁଦରେ ପଞ୍ଚଦୋଳ

**କୃଷ୍ଣପ୍ରସାଦ,(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ମାଲୁଦରେ ପଞ୍ଚଦୋଳ ଯାତ୍ରା ଶନିବାର ଆରମ୍ଭ ହୋଇଛି। ୨୪ ମୌଜାର ଏହି ପ୍ରସିଦ୍ଧ ଯାତ୍ରା ପାଇଁ ଶୁକ୍ରବାର ଅପରାହ୍ନରେ ମାଲୁଦ ଦଧିବାମନ ଦେବ ଏବଂ ବଜ୍ରକୋଟ କୁଞ୍ଜବିହାରୀଙ୍କ ଠାରୁ ୨ଟି ଶୁଭଖୁଣ୍ଟ ପଡିଆକୁ ଯାଇଥିଲା। କୋଭିଡ୍ ପାଇଁ ସୀମିତ ଶ୍ରଦ୍ଧାଳୁଙ୍କୁ ନେଇ ସୁସଜ୍ଜିତ ବିମାନରେ ଠାକୁରଙ୍କୁ ନିଆଯାଇଥିଲା। ଚଳିତ ବର୍ଷ ୨୩ ଠାକୁର ପଞ୍ଚଦୋଳ ପଡିଆରେ ନିଜ ନିଜ ଆସନ ଅଳଙ୍କୃତ କରିଛନ୍ତି। ଠାକୁରଙ୍କ ଏହି ମିଳନ ଚିଲିକା ମଧରେ ପଶି ଆସିବା ଦୃଶ୍ୟ ବିମୋହିତ କରିଥିଲା। ପଞ୍ଚଦୋଳ ପଡିଆରେ ୨୩ ଠାକୁର ୩ ଦିନ ଅବସ୍ଥାନ ପରେ ଏକ ମେଳଣ ହୋଇ ନିଜ ନିଜ ମନ୍ଦିରକୁ ଫେରିବେ ବୋଲି ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି।

## ଆଜି କ'ଣ କେଉଁଠି

**ପୁରୀ**

- ନୀଳାଚଳ ତତ୍ତ୍ୱସନ୍ଧାନ ପରିଷଦ ପକ୍ଷରୁ ଆଲୋଚନାଚକ୍ର, ଜଗନ୍ନାଥ ବଲ୍ଲଭ ମଠ ପରିସର, ପୂର୍ବାହ୍ନ ୧୧ଟା।

**ଖୋର୍ଦ୍ଧା**

- ଖୋର୍ଦ୍ଧା କପ୍ ଟି-୨୦ ଟୁର୍ନାମେଣ୍ଟ ଉଦ୍‌ଘାଟନ, ବିଜେବି ହାଇସ୍କୁଲ ପଡ଼ିଆ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ବଟି ମାଗି ୮ ଗିରଫ

**ପୁରୀ ଅଫିସ,୩।୪:** ପୁରୀ ଟାଉନ ଥାନା ପୋଲିସ ଶନିବାର ଦାଦାବଟି ମାଗିବା ଅଭିଯୋଗରେ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟଉନଥାନା ଅର୍ନ୍ତଗତ ବାଲିସାହି ଗୋପାଳ ତୀର୍ଥ ମଠ ନିକଟ ସୂର୍ଯ୍ୟ ନାରାୟଣ ଜେନା, ଦୋଳମଣ୍ଡମ ସାହି ହାବେଳି ଗଳିର ରଞ୍ଜନ ସାହୁ , ଶଗଡିଆ ସାହିର ଶିବ ଖିଲାର, ମାର୍କଣ୍ଡେଶ୍ୱର ସାହି ରାମଜୀ ମଠ ନିକଟ ଲକ୍ଷ୍ମଣ ପୃଷ୍ଟି , ବାଲିସାହି ଖୁଣ୍ଟିଆ ଲେନ୍‌ର ଭୀମସେନ୍ ଖୁଣ୍ଟିଆ, ମାର୍କଣ୍ଡେଶ୍ୱର ସାହି ନୂଆପାଟଣା ଗଳିର ରାକେଶ ରାଉତ, କୁମ୍ଭାରପଡା ଥାନା ଅନ୍ତର୍ଗତ ନରେନ୍ଦ୍ର କୋଣ ରାୟବାଟି ଲେନ୍‌ର ସନ୍ତୋଷ ଭୋଇ ଏବଂ ତଳମାଳି ସାହିର ଜଗନ୍ନାଥ ପୃଷ୍ଟି । ଏମାନଙ୍କଠାରୁ ୮ଶହ ଟଙ୍କା ଓ ୨ଟି ଛୁରିକୁ ପୋଲିସ ଜବତ କରିଛି। ଏ ନେଇ ପୋଲିସ ମାମଲା(ନଂ. ୯୬ /୨୧) ରୁଜୁ ହୋଇଛି । ସୂଚନା ଅନୁଯାୟୀ, ଟାଉନ ଥାନା ପୋଲିସ ବଡ଼ଦାଣ୍ଡରେ ବ୍ୟବସାୟ କରୁଥିବା ଜଣେ ଉଠା ଦୋକାନୀଙ୍କଠାରୁ କେତେଜଣ ବ୍ୟକ୍ତି ଦାଦାବଟି ଆଦାୟ କରୁଥିବା ଖବରପାଇଥିଲା। ପରେ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ଜଣଙ୍କୁ ଗିରଫ କରିଥିଲା।

### ୧୧,୨୦୪ ନେଲେ ପ୍ରଥମ ଡୋଜ୍ ଟିକା

**ପୁରୀ ଅଫିସ,୩।୪:** ପୁରୀ ଜିଲାରେ କୋଭିଡ୍ ଟିକାକରଣ ଜୋରସୋରରେ ଚାଲିଛି। ଜିଲାର ୧୨ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ହୋଇଛି। ଶନିବାର ଅଲଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭୩୪, ଅସ୍ତରଙ୍ଗରେ ୭୨୦, ବାଙ୍ଗୁରିଗାଁରେ ୭୪୯, ଚନ୍ଦନପୁରରେ ୮୧୪, ଚାରିଛକରେ ୮୮୭, ନୂଆପଡ଼ାରେ ୫୬୦, ଡେଲାଙ୍ଗରେ ୧୧୮୩, ଗୋପରେ ୧୧୧୦, କଣାସରେ ୧୦୧୭, ମଙ୍ଗଳପୁରରେ ୧୧୧୬, ନୂଆଗାଁ ୭୮୪ ଓ ପୁରୀ ସହରରେ ୧୫୨୮ ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଛି। ୪୫ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତିଙ୍କୁ ଟିକାକରଣ ପ୍ରକ୍ରିୟାରେ ସାମିଲ କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କୁ ଟିକା ନେବା ସଚେତନ କରାଯାଉଛି। ଶନିବାର ମୋଟ ୧୧ ହଜାର ୨୦୪ ଜଣଙ୍କୁ ଟିକା ଦିଆଯାଇଛି। ସେହିଭଳି ଶୁକ୍ରବାର ୧୦ ହଜାର ୮୫୨ ଜଣଙ୍କୁ ଟିକା ଦିଆଯାଇଥିଲା। ଶନିବାର କେବଳ ପ୍ରଥମ ଡୋଜ୍‌ର ଟିକାକରଣ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ରାମଚରିତ ମାନସ ପାରାୟଣ ପ୍ରବଚନ

**ଖୋର୍ଦ୍ଧା ଅଫିସ,୩।୪:** ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ଅରାଙ୍ଗ ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀରାମ ଚରିତ ମାନସ ପାରାୟଣ ପ୍ରବଚନ ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ୮ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେଉଛି। ଶନିବାର ସକାଳେ ସୂର୍ଯ୍ୟପୂଜା, ଗୋ ପୂଜା, ମଙ୍ଗଳ ଆଳତି ପରେ ରାତିରେ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରବଚକ ପଣ୍ଡିତ ନାରାୟଣ ଦାସ ଓ ତାଙ୍କ ସହଯୋଗୀ ପ୍ରଭୁ ଶ୍ରୀରାମଙ୍କ ଅମୃତବାଣୀ ଉପସ୍ଥିତ ଭକ୍ତଙ୍କୁ ଶୁଣାଇଥିଲେ। ଏଥିରେ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

### ଜଳଛତ୍ର ଶୁଭାରମ୍ଭ

**ଜଟଣୀ,୩।୪(ଡି.ଏନ୍.ଏ.):** ମାରୱାଡି ଯୁବ ମଞ୍ଚ, ଜଟଣୀ ଶାଖା ପକ୍ଷରୁ ଶନିବାର ମହୁଲଗୁଡ଼ିଆ ଛକରେ ଶନିବାର ଏକ ଜଳଛତ୍ରର ଶୁଭାରମ୍ଭ ହୋଇଛି। ସାମାଜିକ କର୍ମୀ ରଘୁନାଥ ସରାଫ ଉଦ୍‌ଘାଟନ କରିଥିଲେ। ପଥଚାରୀଙ୍କୁ ଶୁଦ୍ଧ ଥଣ୍ଡା ପାନୀୟ ଓ ଦହି ପାଣି ଦେଇ ଅଂଶୁଘାତରୁ ରକ୍ଷା କରିବା ଉଦ୍ଦେଶ୍ୟରେ ଏହି ଜଳଛତ୍ର ଆରମ୍ଭ ହୋଇଛି ବୋଲି ସରାଫ କହିଛନ୍ତି। ବହୁ ପଥଚାରୀ ଜଳଛତ୍ରଠାରେ ଦହିପାଣି ପିଇ ଆନନ୍ଦ ଅନୁଭବ କରିଥିବା ଦେଖିବାକୁ ମିଳିଥିଲା। ଯୁବ ମଞ୍ଚ ସଭାପତି ସତୀସ ଶର୍ମା, ଉପସଭାପତି ଦୀପକ ଅଗ୍ରୱାଲ, ସମ୍ପାଦକ ଶ୍ୟାମ ଯୋଶୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ମହିଳା ମୃତ, ୪ ଗୁରୁତର

**ଖୋର୍ଦ୍ଧା ଅଫିସ/ ନିରାକାରପୁର, ୩।୪(ଡି.ଏନ୍.ଏ.)**

- ନୀରବଦ୍ରଷ୍ଟା ସାଜିଛି ବନ ବିଭାଗ
- ଅଭିଯୋଗ ପରେ ନିଆଯାଉନି ପଦକ୍ଷେପ



ହସ୍ପିଟାଲରେ ଚିକିତ୍ସିତ ହେଉଥିବା ମହିଳାମାନେ।

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଖୋର୍ଦ୍ଧା ଓ ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଉଭୟ ବନାଞ୍ଚଳରେ ଶନିବାର ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତା ହେଲେ ଧଉଳିମୁହଁ ପଞ୍ଚାୟତ ରାମଚଣ୍ଡୀ ଗ୍ରାମର ମଞ୍ଜୁଲତା ବେହେରା। ଆହତମାନେ ହେଲେ ସସ୍ମିତା ଭାରୀମଲ୍ଲ, ମମତା ଭାରୀମଲ୍ଲ, ନିତ୍ୟାନନ୍ଦ ବେହେରା ଏବଂ ଡମଣଭୂଇଁର ଗୀତାଞ୍ଜଳି ମାର୍ଥା। ଗୁରୁତର ଅବସ୍ଥାରେ ସସ୍ମିତା ଓ ମମତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଗୀତାଞ୍ଜଳିଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଉଭୟ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଶନିବାର ଭୋରରୁ ରାମଚଣ୍ଡୀ ଗ୍ରାମକୁ ଏକ ହାତୀ ପଶି ଆସିଥିଲା। ଏହି ସମୟରେ ମଞ୍ଜୁଲତା ଶୌଚ ପାଇଁ ବାରିକୁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ କଚାଡି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ପରେ ସସ୍ମିତା ଓ ମମତା ଅନୁରୂପ ଭାବେ ଏହି ହାତୀ ହାବୁଡରେ ପଡି ଦୌଡିବାକୁ ଉଦ୍ୟମ କରିବା ବେଳେ ଉଭୟଙ୍କୁ ଟେକି ଫୋପାଡି ଦେଇଥିଲା। ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପୁଣି ନିତ୍ୟାନନ୍ଦ ବାରିକୁ ଯାଉଥିବା ବେଳେ ହାତୀ ପଛପଟୁ ତାଙ୍କୁ ଟେକି ଫୋପାଡି ଦେଇଥିଲା। ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଗ୍ରାମବାସୀ ସମସ୍ତ ଆହତଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ମଞ୍ଜୁଲତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁ ମୁଣ୍ଡରେ ହାତୀ ବୁଲୁଥିବା ନେଇ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି ଗୁରୁତ୍ୱ ଦେଇ ନ ଥିଲେ। ବନ ବିଭାଗର ଅବହେଳାରୁ ଜଣଙ୍କ ପରେ ଜଣଙ୍କ ଜୀବନ ଯାଉଛି। ଅନେକେ ଆହତ ମଧ୍ୟ ହୋଇଛନ୍ତି। ଏହି ହାତୀ ପୂର୍ବରୁ ଟାଙ୍ଗୀ ବନାଞ୍ଚଳରେ ୪ଜଣଙ୍କ ମୁଣ୍ଡ ନେଇଥିବା ଚର୍ଚ୍ଚା ହେଉଛି। ହାତୀକୁ ନିୟନ୍ତ୍ରଣ କରିବାରେ ବନ ବିଭାଗ ବିଫଳ ହୋଇଛି ବୋଲି ରାମଚଣ୍ଡୀ ଗ୍ରାମବାସୀ କହିଛନ୍ତି। ସେହିପରି ଟାଙ୍ଗୀ ବନାଞ୍ଚଳ ଅଧୀନ ଡମଣଭୂଇଁ କାଜୁ ଜଙ୍ଗଲରେ ଶନିବାର ସକାଳ ୮ଟାରେ ଏକ ହାତୀ ଗୀତାଞ୍ଜଳିଙ୍କୁ ଟେକି କଚାଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମରେ ବନ ବିଭାଗ ଟିମ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ଏ ସମ୍ପର୍କରେ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପଣ୍ଡା କହିଛନ୍ତି, ଏହି ବନାଞ୍ଚଳରେ ଏକ ହାତୀ ଜଙ୍ଗଲରେ ବୁଲୁଥିବା ନେଇ ଖବର ପାଇଛୁ। ନିକଟ ଗ୍ରାମବାସୀଙ୍କୁ କାଜୁ ଜଙ୍ଗଲକୁ ଯିବାକୁ ବାରଣ କରାଯାଇଛି। ହାତୀଙ୍କ ଗତିବିଧି ଉପରେ ବନ ବିଭାଗର ନଜର ରହିଛି ବୋଲି ସେ କହିଛନ୍ତି।




**ଖୋର୍ଦ୍ଧା:** ପଞ୍ଚଦୋଳ ଯାତ୍ରା ପାଇଁ ଶନିବାର ବେଗୁନିଆ ବ୍ଲକ ଗଡ଼ମାଣତୀର ମା' ରାମଚଣ୍ଡୀଙ୍କ ପୀଠକୁ ବିଭିନ୍ନ ଗ୍ରାମରୁ ଆସିଥିବା ଦୋଳ ବିମାନ।

## ପୁସ୍ତକମେଳା ଉଦ୍‌ଘାଟିତ

**କୃଷ୍ଣପ୍ରସାଦ,୩।୪(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକରେ ଦ୍ୱିତୀୟ ବାର୍ଷିକ ପୁସ୍ତକ ମେଳା ଶନିବାର ପଞ୍ଚଦୋଳ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ରବୀନ୍ଦ୍ର ନାଥ ଜେନା, ସତ୍ୟବ୍ରତ ସାହୁ, ବାନାମ୍ବର ବାରିକ, ଉଲ୍ଲାସ ଚନ୍ଦ୍ର ଜେନା, ଡ. ଅଭିମନ୍ୟୁ ଜେନା, ହରେକୃଷ୍ଣ ପଣ୍ଡା, ଭାଗୀରଥି ବେହେରା, ବ୍ରଜକିଶୋର ଗୌଡ଼, ପ୍ରଦୀପ ଦାସ ଅତିଥିଭାବେ ଯୋଗଦେଇଥିଲେ। ଉଲ୍ଲାସ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ବିଷ୍ଣୁପ୍ରସାଦ ଦଳେଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପୁସ୍ତକ ମେଳାରେ ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଜିଲାର ବହୁ ପ୍ରକାଶକ ନିଜ ନିଜ ମୁଦ୍ରିତ ଉପାଦେୟ ପୁସ୍ତକ ଆଣି ଷ୍ଟଲରେ ବସିଥିଲେ। ଏହି ମେଳା ୩ଦିନ ଧରି ଚାଲିବ ବୋଲି ଜଣାପଡିଛି ।

## ମେଳଣ ବେଳେ ପୋଲିସର ଲାଠିଚାଳନା

**ନିରାକାରପୁର,୩।୪(ଡି.ଏନ୍.ଏ.)**

- ଛତ୍ରଭଙ୍ଗ ଦେଲେ ଶତାଧିକ ଶ୍ରଦ୍ଧାଳୁ
- କୋଭିଡ୍ ନିୟମ ଉଲ୍ଲଂଘନ ସହ ହୋହଲ୍ଲା କରୁଥିଲେ

ପଞ୍ଚଦୋଳ ମେଳଣ ଚାଲିଥିବା ବେଳେ ପୋଲିସର ଲାଠି ଚାଳନା ଯୋଗୁ ଶତାଧିକ ଶ୍ରଦ୍ଧାଳୁ ଛତ୍ରଭଙ୍ଗ ଦେଇଥିଲେ। ଏଭଳି ଘଟଣା ଶୁକ୍ରବାର ରାତିରେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଛଣଗିରି ପଞ୍ଚାୟତରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଛଣଗିରିରେ ଗୋପୀନାଥ ଦେବ, ଚନ୍ଦ୍ରଶେଖର ଦେବ, ମା' ଭଗବତୀଙ୍କ ସମେତ ଆଖପାଖ ଅଞ୍ଚଳର ଠାକୁର ସୁସଜ୍ଜିତ ବିମାନରେ ମେଳଣ ପଡ଼ିଆକୁ ଆସିଥିଲେ। ଏହି ପଞ୍ଚଦୋଳ ମେଳଣ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ତେବେ ମେଳଣ ଚାଲିଥିବା ବେଳେ କେତେଜଣ ବ୍ୟକ୍ତି କୋଭିଡ୍ ନିୟମ ନ ମାନିବା ସହ ହୋହଲ୍ଲା କରିଥିଲେ। ପୋଲିସ କର୍ମଚାରୀମାନେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ବୁଝି ନ ଥିଲେ। ପରେ ପୋଲିସ କର୍ମଚାରୀଙ୍କ ସହ ବଚସା କରିଥିଲେ। ଶେଷରେ ପୋଲିସ କର୍ମଚାରୀଙ୍କ ଲାଠିଚାଳନା ଯୋଗୁ ମେଳଣକୁ ଆସିଥିବା ଶ୍ରଦ୍ଧାଳୁ ଛତ୍ରଭଙ୍ଗ ଦେଇଥିଲେ। ଏ ସମ୍ପର୍କରେ କେତେଜଣ ଶ୍ରଦ୍ଧାଳୁ ନାମ ଗୋପନ ରଖି କହିଛନ୍ତି, କେତେଜଣ ବ୍ୟକ୍ତିଙ୍କ ସହ ପୋଲିସ କର୍ମଚାରୀଙ୍କ ବଚସା ହୋଇଥିଲା। ଏହା ଉଗ୍ରରୂପ ନେବା ପରେ ପୋଲିସ ଲାଠି ଚାଳଣା କରିଥିଲା। ଶନିବାର ଏହି ଘଟଣାର ସମାଧାନ ହୋଇଯାଇଛି ବୋଲି କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ଜଙ୍କିଆ ଥାନାଧିକାରୀ ସତ୍ୟବ୍ରତ ଲେଙ୍କା କହିଛନ୍ତି, ମେଳଣ ବେଳେ କେତେଜଣ ବ୍ୟକ୍ତି ହୋହଲ୍ଲା କରିବା ସହ କୋଭିଡ୍ ନିୟମ ପାଳନ କରି ନ ଥିଲେ। ସେଠାରେ ନିୟୋଜିତ ପୋଲିସ କର୍ମଚାରୀମାନେ ସେମାନଙ୍କୁ ଘଉଡ଼ାଇ ଦେଇଥିଲେ। ଏହି ଘଟଣାରେ କେହି ଅଟକ ନାହାନ୍ତି ବୋଲି ସେ କହିଛନ୍ତି।

## ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୩।୪**

ଖୋର୍ଦ୍ଧା ବ୍ଲକ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନିଆଳର ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ମଙ୍ଗରାଜଙ୍କ ଶୁକ୍ରବାର ରାତିରେ ହୃଦଘାତରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ନିଖିଳ ପ୍ରାଥମିକ ଶିକ୍ଷକ ସଂଘ ଶୋକ ପ୍ରକାଶ କରିଛି। ସେ ଜଣେ ଛାତ୍ର ବତ୍ସଳ, ମେଳାପୀ, ମିଷ୍ଟଭାଷୀ ଏବଂ ସଂଘପ୍ରେମୀ ଶିକ୍ଷକ ଥିଲେ। ମୃତଦେହ ସତ୍କାର ପାଇଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ୫ହଜାର ଟଙ୍କା ପ୍ରଦାନ କରାଯାଇଛି। ସତ୍ୟବାନ ଶ୍ରୀଚନ୍ଦନ, ଯୁଧିଷ୍ଠିର ସାହୁ, ଅମୀୟ ପରିଡ଼ା, ପ୍ରସନ୍ନ ମହାପାତ୍ର, ପ୍ରଦୀପ ସାହୁ, ହର୍ଷମଣୀ ଦେଈ ସହାୟତା ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଜିତେନ୍ଦ୍ର ନାୟକ, ସତ୍ୟବାନ ଶ୍ରୀଚନ୍ଦନ, ଭରତ ପ୍ରଧାନ, ନଳିନୀ ଦେବୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ରାସ୍ତାରେ ମହିଳାଙ୍କ ମାରପିଟ

**ପୁରୀ ଅଫିସ,୩।୪:** ପୁରୀର ଏକ ଜନଗହଳିପୂର୍ଣ୍ଣ ରାସ୍ତାରେ ଶନିବାର ୨ଜଣ ମହିଳା ଜଣେ ମହିଳା ବ୍ୟବସାୟୀଙ୍କୁ ମାରପିଟ କରୁଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହୋଇଛି। ଶ୍ରୀମନ୍ଦିର ପାଖ ଦୋଳବେଦୀ କୋଣରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। କୌଣସି କାରଣକୁ ନେଇ ଦୁଇ ମହିଳା ମହିଳା ବ୍ୟବସାୟୀଙ୍କୁ ଚପଲରେ ମାଡ଼ ମାରିଥିଲେ। ଉକ୍ତ ବାଟରେ ଯାଉଥିବା ଲୋକେ ଏହି ଦୃଶ୍ୟ ଦେଖି ତାଜୁବ ହୋଇଯାଇଥିଲେ। ମାରପିଟ ରୋକିବା ପାଇଁ ଜଣେ ମହିଳା ଚେଷ୍ଟା କରି ବିଫଳ ହୋଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ଗୁରୁଜଙ୍ଗ ପଞ୍ଚଦୋଳ ମେଳଣ ଆରମ୍ଭ

**ଖୋର୍ଦ୍ଧା ଅଫିସ,୩।୪**

ହିନ୍ଦୁ ସଂସ୍କୃତି, ପରମ୍ପରାରେ ଦୋଳ ଉତ୍ସବର ବିଶେଷ ମହତ୍ୱ ରହିଛି। ଦୋଳ ପୂର୍ଣ୍ଣମୀଠାରୁ ଖୋର୍ଦ୍ଧା ଜିଲାରେ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଆନନ୍ଦ ଉଲ୍ଲାସରେ ଦୋଳ ମେଳଣ ଚାଲିଛି। ଶୁକ୍ରବାରଠାରୁ କୋଭିଡ୍ କଟକଣା ମଧ୍ୟରେ ଗୁରୁଜଙ୍ଗ ପଞ୍ଚଦୋଳ ମେଳଣ ଆରମ୍ଭ ହୋଇଛି। ମେଳଣ ପଡିଆକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଥାନପତି ଶ୍ରୀଧବଳେଶ୍ୱର ସୁସଜ୍ଜିତ ବିମାନରେ ବିଜେ କରିଛନ୍ତି। ସମସ୍ତ ଠାକୁରଙ୍କ ଦୋଳ ବିମାନ ରଙ୍ଗବେରଙ୍ଗ ଫୁଲରେ ସଜ୍ଜିତ କରାଯାଇଛି। ଗୁରୁଜଙ୍ଗ ମେଳଣ ପଡିଆ ଉତ୍ସବମୁଖର ହୋଇ ଉଠିଛି।

ମେଳଣ କମିଟି ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାହୁ କହିଛନ୍ତି, ଏହି ପଞ୍ଚୁ ଦୋଳ ୩ଦିନ ଧରି ଅନୁଷ୍ଠିତ ହୋଇଥାଏ। ଦୋଳ ପୂର୍ଣ୍ଣମୀର ୫ଦିନ ଏଠାରେ ଆରମ୍ଭ ହୋଇଥାଏ। କମିଟି ସଦସ୍ୟ ପୂର୍ବରୁ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥାନ୍ତି। ପ୍ରଥମେ ଥାନପତି ଶ୍ରୀଧବଳେଶ୍ୱର ପଟୁଆରରେ ଆସି ମେଳଣ ପଡିଆରେ ବିଜେ କରିଥିଲେ। ପରେ ଜଣକ ପରେ ଜଣେ ଠାକୁର ମେଳଣ ପଡିଆକୁ ଆସିଥିଲେ। ଗୁରୁଜଙ୍ଗ, ଖୋର୍ଦ୍ଧା ସହର ସମେତ ୨୦ ଗ୍ରାମର ୨୧ ଦୋଳ ଠାକୁର ଏଠାରେ ବିଜେ କରିଥାନ୍ତି। ୩ଦିନ ଧରି ଠାକୁରଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ, ନାମ ସଂକୀର୍ତ୍ତନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା, ଲୋକକଳା ଉତ୍ସବ ଆୟୋଜିତ ହୋଇଥାଏ। ଠାକୁରଙ୍କ ବାଲଭୋଗ, ଶୁଖିଲା ଭୋଗ ଅର୍ପଣ କରାଯାଇଥାଏ। ବିଦାୟ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଥାଏ। ବିଦାୟ ଦିନ ପ୍ରତ୍ୟେକ ଠାକୁରଙ୍କୁ ହାଣ୍ଡିଭୋଗ ଅର୍ପଣ କରାଯାଏ। ହାଣ୍ଡି ଭୋଗର ୮୦ପ୍ରତିଶତ ଉଖୁଡ଼ା, ଫେଣି, ସାକର, ଖଜା, ଲଡୁ, ବୁନ୍ଦିଆ ଜିଲାପି ସମେତ ବିଭିନ୍ନ ପ୍ରକାର ଫଳ ଗଜାବୁଟ, ମୁଗ, ନଡିଆପାଡି, କଦଳୀ ରହିଛି। କମିଟି ସମ୍ପାଦକ ଜିତେନ୍ଦ୍ର ସାହୁ କହିଛନ୍ତି, ଚଳିତବର୍ଷ ମଧ୍ୟ କୋଭିଡ୍ କଟକଣା ମଧ୍ୟରେ ମେଳଣ ଆରମ୍ଭ ହୋଇଛି। ଶେଷଦିନ ଠାକୁରମାନେ ନଗର ପରିକ୍ରମା କରି ନିଜ ଅଞ୍ଚଳକୁ ଫେରିବେ। ଚଳିତ ବର୍ଷ ଯାତ୍ରା, ଦୋକାନବଜାର, ଡିଜେ ଏବଂ ବାଣ ଫୁଟା ବନ୍ଦ ରହିଛି। ସଞ୍ଜୟ କୁମାର ସିଂ, ବିଧାନଚନ୍ଦ୍ର ମହାନ୍ତି, ଶ୍ରୀଧର ପରିଡ଼ା, ଅଶୋକ ସୁନ୍ଦରାୟ, କିଶୋରଚନ୍ଦ୍ର ବରାଳ, ସୁବାସ ଚନ୍ଦ୍ର ଦାଶ, ବଦ୍ରିନାରାୟଣ ସାହୁଙ୍କ ସମେତ ବହୁ କମିଟି ସଦସ୍ୟ ରହିଛନ୍ତି।



## ଏକାଠି ହେଲେ ୫୦ ଗାଁର ଠାକୁର

ଖୋର୍ଦ୍ଧା ସହରର ପ୍ରସିଦ୍ଧ ଶ୍ରୀଲୋକେଶ୍ୱର ପଞ୍ଚଦୋଳ ମେଳଣ ନିରାଡ଼ମ୍ବରରେ ଶେଷ ହୋଇଛି। ପ୍ରାୟ ୫୦ଗାଁର ୫୧ଠାକୁର ଏକତ୍ରିତ ହୋଇଥିଲେ। ଦୋଳ ମେଳଣ ଭାଇଚାରା, ସଂସ୍କୃତିର ବାର୍ତ୍ତା ବହନ କରିଥାଏ। ରାଧାକାନ୍ତ ମଠ ପରିଚାଳକ ବିଜୟ ପ୍ରଧାନ କହିଛନ୍ତି, ଏହି ମେଳଣ ଇତିହାସ ବହୁ ପ୍ରାଚୀନ। ପ୍ରଥମେ ୫ ଠାକୁରଙ୍କୁ ନେଇ ଦୋଳ ମେଳଣ ଆରମ୍ଭ ହୋଇଥିଲା। କୌଣସି କାରଣ ଯୋଗୁ କିଛି ବର୍ଷ ବନ୍ଦ ହୋଇଯାଇଥିଲା। ଏବେ ଦୀର୍ଘ ୨୬ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ମେଳଣ ଆୟୋଜିତ ହୋଇ ଆସୁଛି। ହୋଲି ଉତ୍ସବ ପରେ ୩ଦିନ ଧରି ଏହି ଦୋଳ ମେଳଣ ଆୟୋଜିତ ହୋଇଥାଏ। ଥାନପତି ଭାବେ ଶ୍ରୀଲୋକେଶ୍ୱର ବିଜେ କରିଥାନ୍ତି। ପରେ ଠାକୁରମାନେ ବିମାନରେ ଆସି ନିଜ ଆସନରେ ବିଜେ କରିଥାନ୍ତି। ତିନି ଦିନ ଧରି ନାମ ସଂକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ମେଳଣ ପଡିଆରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥାଏ। ଖୋର୍ଦ୍ଧା ସହର ସମେତ ଆଖପାଖ ଅଞ୍ଚଳର ଗ୍ରାମବାସୀ ଏକାଠି ହୋଇଥାନ୍ତି। ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ ଏହା ଫିକା ପଡିଛି ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦେବଜ୍ୟୋତି



@ ସୁରଜ



@ ପୂର୍ଣ୍ଣେନ୍ଦୁ



@ ଏନାଲି



@ ନବୀନ



@ ରବୀନ୍ଦ୍ର



@ ସତ୍ୟବ୍ରତ

## ଓଡ଼ିଶା ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନର ବାର୍ଷିକୋତ୍ସବ

**ଜଟଣୀ,୩।୪(ଡି.ଏନ୍.ଏ.)**

ଓଡ଼ିଶା ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନର ବାର୍ଷିକୋତ୍ସବ କୋଭିଡ୍ କଟକଣା ମଧ୍ୟରେ ଜଟଣୀର ବିପିନ ବିହାରୀ ପାଠାଗାର ପରିସରରେ ପାଳିତ ହୋଇଯାଇଛି। ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, ଡ. ବିଦ୍ୟାଧର ବେହେରା, ଡ.ବିରଞ୍ଚି ନାରାୟଣ ଦାସ, ଡ. ଚି. ମିଶ୍ର, ବିବେକାନନ୍ଦ ପାଣିଗ୍ରାହୀ, ଚିତ୍ତରଞ୍ଜନ ପଟ୍ଟନାୟକ, ପ୍ରଦୀପ୍ତ ପଟ୍ଟନାୟକ, ମାନସ ରଞ୍ଜନ ପଟ୍ଟନାୟକ, ଭାଗୀରଥି ବେହେରା, କୃଷ୍ଣଚନ୍ଦ୍ର ରଥ ଅତିଥିଭାବେ ଯୋଗଦେଇଥିଲେ। ତ୍ରିଲୋଚନ ମହାପାତ୍ର ସଭାପତିତ୍ୱ, ଭିକାରୀ ଧଳ ଅତିଥି ପରିଚୟ ଏବଂ ଜବାହରଲାଲ ସୁବୁଦ୍ଧି ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ପରେ ଅନୁଷ୍ଠାନର ପତ୍ରିକା 'ଉତ୍କଳ' ଏବଂ ସପ୍ତଫେଣୀ ସାହିତ୍ୟ ସଂସଦର ପତ୍ରିକା 'ସପ୍ତଫେଣୀ' ଉନ୍ମୋଚିତ ହୋଇଥିଲା। ବିପିନ ବିହାରୀ ମହାନ୍ତିଙ୍କ ଦ୍ୱାରା ରଚିତ ୮ଟି ପୁସ୍ତକ ନିର୍ଜନତାର କୋଳାହଳ, ସତ ସପନଟି ତୁମେ, ଆମ ଧର୍ମ ଓ ଧାର୍ମିକ ପରମ୍ପରା, ପରମ୍ପରା:ଉପବାସ ଓ ଏକାଦଶୀ, ବ୍ୟୁହ, ତୁମରି ପାଇଁ ଗାଇବି ଗୀତ, ପଢ଼ିଲେ ଶିଖିବା ଏବଂ ଆସ ଲଢ଼ିବା କରୋନା ସାଥେ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅତିଥି ଏବଂ କେତେଜଣ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବୀନ୍ଦ୍ର ରାଉତରାୟ, ଆଦି ନାରାୟଣ ଖଣ୍ଡୁଆଳ, ପଦ୍ମଲୋଚନ ପାଣିଗ୍ରାହୀ, ରବୀନ୍ଦ୍ର ଦାସ, ପ୍ରହଲ୍ଲାଦ ସ୍ୱାଇଁ, ଆରତୀ ସେନ୍, ସୁମିତାମୟୀ ସାହୁ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ପ୍ରଭାତ ସାହୁ ଧନ୍ୟବାଦ ଦେଇଥିଲେ।

## ଲହଡ଼ି ମାଡ଼ରେ ପର୍ଯ୍ୟଟକ ଆହତ

ପୁରୀ ଅଫିସ: ସମୁଦ୍ରରେ ସ୍ନାନ ସମୟରେ ଲହଡ଼ି ମାଡ଼ରେ ମୟୂରଭଞ୍ଜର ଜଣେ ପର୍ଯ୍ୟଟକ ଆହତ ହୋଇଛନ୍ତି। ପରେ ତାଙ୍କୁ ଜିଲା ଚିକିତ୍ସାଳୟ ନିଆଯାଇ ଚିକିତ୍ସା କରାଯାଉଛି। ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଶାଳବଣୀରୁ ସାତାମଣି ନିଜ ପରିବାର ସହ ଶନିବାର ପୁରୀ ବୁଲିବାକୁ ଆସିଥିଲେ। ମନ୍ଦିର ଦର୍ଶନ ସାରି ମଧ୍ୟାହ୍ନରେ ଚୈତନ୍ୟ ଛକ ସମ୍ମୁଖ ସମୁଦ୍ରରେ ସ୍ନାନ କରୁଥିଲେ। ତେବେ ହଠାତ୍ ସମୁଦ୍ରର ଉଚ୍ଚ ଲହଡ଼ି ମାଡ଼ିଆସିବାରୁ ସେ ଅସାବଧାନବଶତଃ ପଡ଼ିଯାଇ ବାମ ଗୋଡ଼ରେ ଆଘାତ ଲାଗିଥିଲା। ପରିବାର ସଦସ୍ୟମାନେ ତାଙ୍କୁ ଅଟୋ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୦୩.୦୪.୨୦୨୧

| | |
|---|---|
| ୪,୫୨,୬୫୮ ଟଙ୍କା | |
| ସୁନା | ୩.୨୦୦ ଗ୍ରାମ |
| ରୁପା | ୪୩.୨୦୦ ଗ୍ରାମ |

# ବିନା ଭକ୍ତରେ ହେବ ସାଗରସ୍ନାନ ଯାତ୍ରା

ସାକ୍ଷୀଗୋପାଳ,୩।୪(ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ସେବାୟତମାନେ ।

ପୁରୀ ଜିଲା ସାକ୍ଷୀଗୋପାଳର ଅନ୍ୟତମ ପ୍ରସିଦ୍ଧ ମେଳା ସାଗରସ୍ନାନ ଯାତ୍ରା ଚଳିତବର୍ଷ କୋଭିଡ୍ କଟକଣା ପାଇଁ ବିନାଭକ୍ତରେ ଅନୁଷ୍ଠିତ ହେବ। ଏ ନେଇ ସ୍ଥାନୀୟ ବରାଳ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରରେ ଶନିବାର ବସିଥିବା ପ୍ରଶାସନିକ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। କମ୍ ସଂଖ୍ୟକ ସେବାୟତଙ୍କୁ ନେଇ କେବଳ ଠାକୁରଙ୍କ ଦେବନୀତି କରାଯିବ। ଭାର୍ଗବୀ ନଦୀର ବଳପୁର ଗ୍ରାମର ଭୃଗୁ ଘାଟରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବାକୁ ବାରଣ କରାଯାଇଛି। ନଦୀର ଉଭୟ ପାର୍ଶ୍ୱ ବଳପୁର ଓ ସୁଆଣ୍ଡୋ ଘାଟ ମେଳା ପଡ଼ିଆରେ ହେଉଥିବା ଶ୍ରଦ୍ଧାଳୁଙ୍କ ସମାବେଶ ଉପରେ ରୋକ ଲଗାଇବାକୁ ସେଠାରେ ୧୪୪ ଧାରା ଜାରି କରାଯିବ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସଂଯୁକ୍ତ ଗ୍ରାମଗୁଡ଼ିକରେ ଜନ ସମାବେଶ ନ ହେବା ଦିଗରେ ପୋଲିସ ପ୍ରଶାସନ ନଜର ରଖିବାକୁ ସତ୍ୟବାଦୀ ବିଡିଓ କ୍ଷୀରୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ସାଗରସ୍ନାନ ଯାତ୍ରା ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି। ତହସିଲଦାର ମନୋଜ କୁମାର ନାୟକ, ଥାନା ଆଇଆଇସି ଦେବୀପ୍ରସାଦ

■ ପ୍ରଶାସନିକ ବୈଠକରେ ନିଷ୍ପତ୍ତି
■ କମ୍ ସଂଖ୍ୟକ ସେବାୟତଙ୍କୁ ନେଇ ହେବ ଦେବନୀତି

ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଶ୍ୱଜିତ ମିଶ୍ର, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋଜ ନାୟକ, ଜିଲା ପରିଷଦ ସଭ୍ୟ ଧ୍ରୁବଚରଣ ଦାଶ, ବଳପୁର ବାଲୁଙ୍କେଶ୍ୱର ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ନିରଞ୍ଜନ ମହାପାତ୍ର, ମନ୍ଦିର ସେବାୟତ ପ୍ରସନ୍ନ ମହାପାତ୍ର, ବିଦ୍ୟୁତ, ଅଗ୍ନିଶମ ଅଧିକାରୀଙ୍କ ସହିତ ବଳପୁର, ବରାଳ, ସୁଆଣ୍ଡୋ ଗ୍ରାମର ସେବାୟତ ଓ ଗ୍ରାମବାସୀ ଉକ୍ତ ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଅଧଘଣ୍ଟା ପାଇଁ ଘର ଅନ୍ଧାର କର

ପୁରୀ ଅଫିସ,୩।୪:

ବର୍ଦ୍ଧିତ ବିଜୁଳି ଦର ପ୍ରତିବାଦରେ ରବିବାର ସନ୍ଧ୍ୟା ୬ଟା ୩୦ରୁ ୭ଟା ପର୍ଯ୍ୟନ୍ତ ନିଜ ଘରର ବିଦ୍ୟୁତ୍ ସେବାକୁ ବନ୍ଦ କରିବା ପାଇଁ ଜିଲା କଂଗ୍ରେସ ପକ୍ଷରୁ ଅପିଲ କରାଯାଇଛି। କରୋନା ମାଡ଼ରେ ଲୋକେ ଏପର୍ଯ୍ୟନ୍ତ ଅଣ୍ଟା ସଳଖି ପାରି ନ ଥିବାବେଳେ ସରକାରଙ୍କର ବିଜୁଳି ଦର ବୃଦ୍ଧି ନିହାତି ପକ୍ଷେ ଏକ ଅମାନବୀୟ ନିଷ୍ପତ୍ତି ବୋଲି କଂଗ୍ରେସ କହିଛନ୍ତି। ସେହିଭଳି ବିଦ୍ୟୁତ୍‌ର ବର୍ଦ୍ଧିତ ଦରକୁ ସରକାର ପ୍ରତ୍ୟାହାର କରିବା ପାଇଁ କଂଗ୍ରେସ ଦାବି କରିଥିବା ବେଳେ ସାଧାରଣ ଲୋକେ ଅଧଘଣ୍ଟା ପାଇଁ ବିଦ୍ୟୁତ ଉପକରଣକୁ ବନ୍ଦ ରଖି ସରକାରଙ୍କର ଏହି ଜନବିରୋଧୀ ନୀତିକୁ ବିରୋଧ କରନ୍ତୁ ବୋଲି ପୁରୀ ଜିଲା କଂଗ୍ରେସ ସଭାପତି ଅଜିତ ମଙ୍ଗରାଜ ଆହ୍ୱାନ ଦେଇଛନ୍ତି। ଜିଲା କଂଗ୍ରେସର ଛାତ୍ର, ଯୁବ ଓ ମହିଳା ଭଳି ବିଭାଗର କର୍ମକର୍ତ୍ତାମାନେ ପୁରୀ ସହରବାସୀଙ୍କୁ ଶନିବାର ଏନେଇ ସଚେତନ କରାଉଥିବା ଓ ରବିବାର ଅଧଘଣ୍ଟା ପାଇଁ ବିଦ୍ୟୁତ ସେବାକୁ ବନ୍ଦ ରଖିବା ପାଇଁ ନିବେଦନ କରୁଥିବାରେ ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଉତ୍କଳ ସମ୍ମିଳନୀର ବାର୍ଷିକୋତ୍ସବ

ଅସ୍ତରଙ୍ଗ/କାକଟପୁର ୩।୪(ଡି.ଏନ୍.ଏ.)- କାକଟପୁରର ପ୍ରସିଦ୍ଧ ପୀଠ ଦେଉଳୀ ମଠଠାରେ ଆଞ୍ଚଳିକ ଉତ୍କଳ ସମ୍ମିଳନୀର ସଭାନେତ୍ରୀ ମଞ୍ଜୁଳା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ସମ୍ମିଳନୀର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ବ୍ୟଙ୍ଗ କବି ଶ୍ରୀମାନ ସର୍ଗୀଳା, ମୁଖ୍ୟବକ୍ତା ଭାବେ ମଙ୍ଗଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସନ୍ତୋଷ ମିତ୍ର, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦାଶ, ଉମାକାନ୍ତ ମହାପାତ୍ର, ଅଧ୍ୟାପକ ମନୋଜ ସାହୁ, ପ୍ରଫୁଲ୍ଲ ରାଉତ ପ୍ରମୁଖ ଯୋଗଦେଇ ମଧୁସୂଦନ ଦାସଙ୍କ ଜୀବନୀ ଆଲୋଚନା କରି ଓଡ଼ିଆ ଭାଷା ସମ୍ପର୍କରେ ମତବକ୍ତ୍ୟ ରଖିଥିଲେ। ସମ୍ପାଦିକା ସୁଶ୍ରୀ କ୍ଷେତ୍ରାସିନୀ ତ୍ରିପାଠୀ ଅତିଥି ପରିଚୟ ଓ କବିତା ପାଠ କରିଥିଲେ। ସରୋଜ ପ୍ରଧାନ, ଭାମାରାଣୀ ରାଉତ, ପଣ୍ଡିତ ଲୋସନ କର ଓ ବିନୋଦ ରଥଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। କ୍ଷୁଦ୍ର ନାଟିକା ସର୍ଗୀଳା ଓ ବାଳକୃଷ୍ଣ ବେହେରାଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗାୟକ ବାଚସ୍ପତି ପଣ୍ଡିତ ନିହାରୀ ଗ୍ରହାଚାର୍ଯ୍ୟ ପରିଚାଳନା କରିଥିବା ବେଳେ ଉପସଭାନେତ୍ରୀ ଭାରତୀ ରାଉତ ସହଯୋଗ କରିଥିଲେ। ଶେଷରେ ବିଜୟ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

### ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସଫେଇ କଲେ ଛାତ୍ରୀଛାତ୍ର



କୋଣାର୍କ,୩।୪(ଡି.ଏନ୍.ଏ.)- ଅଳିଆ ଆବର୍ଜନାମୟ ହୋଇପଡ଼ିଥିବା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀକୁ ଶନିବାର ସଫେଇ କରାଯାଇଥିଲା। ସେଣ୍ଟ ଜାଭିୟର ସ୍କୁଲ, ବିଜୁ ପଟ୍ଟନାୟକ କଲେଜ ଅଫ ହୋଟେଲ ମ୍ୟାନେଜମେଣ୍ଟ, ଏନ୍ଆଇସିଇଟି କମ୍ପ୍ୟୁଟର ପରିଚାଳକ ସମୀର କୁମାର ଭୂୟାଁ, ଅଧକ୍ଷା ଲିଜାଲିନ ପାତ୍ରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ସାମିଲ ହୋଇ ସଫେଇ କରିଥିଲେ। ଅର୍କକ୍ଷେତ୍ର ଆମ ଐତିହ୍ୟ, ସ୍ୱଚ୍ଛତା ଆମର ପରିଚୟ ଆଜି ହିଁ ନେବା ଆମେ ଶପଥ। ଚନ୍ଦ୍ରଭାଗା ତୀର୍ଥକୁ କର ନାହିଁ ଦୂଷିତ ଏହି ବାର୍ତ୍ତା ନେଇ ଛାତ୍ରୀଛାତ୍ରମାନେ ପୁଷ୍କରିଣୀ ସଫେଇ କରିଥିଲେ। ସ୍ଥାନୀୟ ତେଲୁଗୁ ବସ୍ତିର ବାସିନ୍ଦାମାନେ ଏହି ଜଳକୁ ବ୍ୟବହାର କରି ପ୍ରଦୂଷିତ କରିବା ଦେଖାଯାଉଛି। ପ୍ରଶାସନର ଅବହେଳା ଯୋଗୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଆବର୍ଜନାମୟ ହୋଇପଡୁଛି। ଏହି କାର୍ଯ୍ୟକ୍ରମକୁ ସ୍କୁଲ ସହ ପରିଚାଳକ ଆଶୁତୋଷ ବେହେରା, ଶିକ୍ଷକ ତ୍ରିଲୋଚନ ଖଟୁଆ, ବିଶ୍ୱଜିତ ବେହେରା ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିଥିଲେ।

### ମଦ ଜବତ, ୨ ମହିଳା ଗିରଫ

ପୁରୀ ଅଫିସ,୩।୪: ବେଆଇନ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ପୁରୀ ଅବକାରୀ ପୋଲିସ ଶନିବାର ୨ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ ନରେନ୍ଦ୍ରକୋଣ ଅଞ୍ଚଳର ବେଙ୍ଗ ଦେଈ ଏବଂ ଚକ୍ରତୀର୍ଥ ନୂଆ ସାହିର ବି. ତୁଳସୀ। ଏ ନେଇ ୨ଟି ମାମଲା(ନଂ. ୩,୪/୨୧) ରୁଜୁ କରି ଚଢ଼ାଉ କରିଛି। ଅବକାରୀ ପୋଲିସ ସୂଚନାନୁଯାୟୀ, ନରେନ୍ଦ୍ର କୋଣ ଏବଂ ଚକ୍ରତୀର୍ଥ ନୂଆ ସାହି ଅଞ୍ଚଳରେ ବେଆଇନ ଦେଶୀମଦ ବିକ୍ରି ହେଉଥିଲା। ଖବରପାଇ ଏସ୍ଆଇ ଲକ୍ଷ୍ମୀଧର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ନରେନ୍ଦ୍ରକୋଣ ଅଞ୍ଚଳରେ ଚଢ଼ାଉ କରି ବେଙ୍ଗ ଦେଇଙ୍କୁ ଗିରଫ କରି ତାଙ୍କ ଠାରୁ ୮ ଲିଟର ମଦ ଜବତ କରିଛି। ସେହିପରି ଚକ୍ରତୀର୍ଥ ନୂଆସାହିରେ ଚଢ଼ାଉ କରି ବି .ତୁଳସୀଙ୍କୁ ଗିରଫ କରି ତାଙ୍କ ଠାରୁ ୭ ଲିଟର ମଦ ଜବତ କରିଛି।

# ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମ





ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି । ନିରୁପମା ସାମନ୍ତରାୟ ବିଭିନ୍ନ ଶସ୍ୟରେ ଜଗନ୍ନାଥ ଚିତ୍ର ଆଙ୍କିଛନ୍ତି।

ପୁରୀ ଅଫିସ,୩।୪:

ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ବଡ଼ଦାଣ୍ଡ ସଫେଇ ଅଭିଯାନରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସ୍ୱେଚ୍ଛାସେବୀ ଓ ନେତାମାନେ ସାମିଲ ହୋଇଥିଲେ। ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ ପ୍ରମୁଖ ବଡ଼ଦାଣ୍ଡ ସେବା ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଛନ୍ତି। ବଡ଼ଦାଣ୍ଡରେ ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଚିତ୍ରକଳା ପ୍ରତିଯୋଗିତାରେ ଶ୍ରୀଲିପ୍ତା ଦାସ ପ୍ରଥମ, ୨ୟରେ ଆସିକା ପ୍ରିୟଦର୍ଶିନୀ ଓ ପ୍ରତ୍ୟୁଷା ସାସମଲ ୩ ସ୍ଥାନ ଅଧିକାର କରିଛନ୍ତି। ସଙ୍ଗୀତ ପ୍ରତିଯୋଗିତାରେ ଅଦିତି ଚୌଧୁରୀ ପ୍ରଥମ, ଅଭିଲିପ୍ସା ସାହୁ ୨ୟ ଓ ଶକ୍ତି ସ୍ମିତା ପଣ୍ଡା ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଝୋଟି ପ୍ରତିଯୋଗିତାରେ ଅନ୍ୱେଷା ପଟ୍ଟନାୟକ, ନୀଳିମା ମହାନ୍ତି ଓ ରୂପଶ୍ରୀ ସାହୁ ପୁରସ୍କୃତ ହୋଇଛନ୍ତି। ତେବେ ମୁକ୍ତାକାଶ ରଙ୍ଗମଞ୍ଚରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁଭାଷ ନାଥଶର୍ମା, ନୀତିରଞ୍ଜନ ସେନ, ଭବତାରଣ ସାହୁ ଓ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବର୍ଜ୍ୟବସ୍ତୁର ଦରକାରୀ ସାମଗ୍ରୀ ପ୍ରସ୍ତୁତ କରି ୩୦ ନମ୍ବର ୱାର୍ଡର ବାସନ୍ତୀ ସାହୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲାପାଳ ବର୍ମା ତାଙ୍କୁ ସମ୍ମାନିତ କରିଛନ୍ତି। ସେହିଭଳି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ନିରୁପମା ସାମନ୍ତରାୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି।

# ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଆରମ୍ଭ

ପୁରୀ ଅଫିସ,୩।୪:

ପୁରୀ ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପୁରୀ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ରବିଶଙ୍କର ପ୍ରତିହାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ୨ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଜୁନିୟର ଏବଂ ସିନିୟର ବିଭାଗରେ ପ୍ରାୟ ୫୪ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ପ୍ରତିଯୋଗୀଙ୍କ ମଧ୍ୟରେ ୬ ରାଉଣ୍ଡ ଖେଳ ହେବ। ତେବେ ଏହି ପ୍ରତିଯୋଗିତାରେ ଅନେକ ତ୍ରୁଟି ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପରିଲକ୍ଷିତ ହୋଇଥିଲା। ଆସୋସିଏଶନର ଉପସଭାପତି ସୁରେଶ ଚନ୍ଦ୍ର ସାହୁ ଏବଂ ଡା. ସୂର୍ଯ୍ୟକାନ୍ତ ପୃଷ୍ଟି ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ରଚିତା ମହାନ୍ତି , ଶୁଭଶ୍ରୀ ଦାସ, ପ୍ରଜ୍ଞାପରମିତା ନନ୍ଦ, ସ୍ୱାଧୀନ ମହାନ୍ତି ଏବଂ ସଞ୍ଜୀବ ରଥଶର୍ମା ପ୍ରମୁଖ ପରିଚାଳନା କରିଥିଲେ।



ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ ।

# ବଳଙ୍ଗା ପଞ୍ଚଦୋଳ ମେଳଣ ଆରମ୍ଭ

ବଳଙ୍ଗା,୩।୪(ଡି.ଏନ୍.ଏ.)

ବଳଙ୍ଗାସ୍ଥିତ ପଶ୍ଚିମାଶମ୍ଭୁ ବକ୍ରେଶ୍ୱର ଦେବଙ୍କ ପ୍ରସିଦ୍ଧ ପଞ୍ଚଦୋଳ ଯାତ୍ରା ଶନିବାର ଆରମ୍ଭ ହୋଇଛି। ଶୁକ୍ରବାର ମଧ୍ୟରାତ୍ରୀ ପରେ ବକ୍ରେଶ୍ୱରଙ୍କର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କ ସହିତ ଗୋପାଳଜୀଉ ପଞ୍ଚଦୋଳ ବିମାନ ଏବଂ ହାତୀଦାନ୍ତ ଖଚିତ ପାଲିଙ୍କିରେ ମନ୍ଦିରରୁ ବାହାରି ଭାର୍ଗବୀ ନଦୀ ତଟସ୍ଥ ମେଳଣ ପଡ଼ିଆରେ ଉପବିଷ୍ଟ ହୋଇଛନ୍ତି। ନିମନ୍ତ୍ରଣ କ୍ରମେ ନିମାପଡ଼ା, ସତ୍ୟବାଦୀ, ପିପିଲି ଓ ଜୟଦେବ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରୁ ସୁସଜ୍ଜିତ ଦୋଳ ବିମାନରେ ହରି ଓ ହରଙ୍କର ଚଳନ୍ତି ପ୍ରତିମା ଅବସ୍ଥାନ କରିଛନ୍ତି। ମାଟି ଓଳି, ସରା, ହାଣ୍ଡି ଏବଂ ବାଉଁଶ ନିର୍ମିତ ଚାଙ୍ଗୁଡ଼ାରେ ପର୍ଯ୍ୟାୟକ୍ରମେ ପଣା, ଚୁଡାଘଷା, ଖଇ, ଉଖୁଡା, ଚଣା ବିଭିନ୍ନ ପ୍ରକାରର ଫଳମୂଳ, ମିଠା ପ୍ରଭୃତି ପ୍ରାୟ ୪୦ପ୍ରକାରର ଶୃଙ୍ଖଳା ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ପରମ୍ପରା ଅନୁଯାୟୀ ଅନେକ ଭକ୍ତ ଠାକୁରଙ୍କ ନିକଟରେ ଚୁଡାଘଷା ଭୋଗ ସହିତ ପ୍ରତ୍ୟେକ ଦୋଳ ବିମାନରେ ଅବିର ଅର୍ପଣ କରିଥିଲେ। କୋଭିଡ୍ କଟକଣା ମଧ୍ୟରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ୧୦୮ ହରି ଓ ହରଙ୍କୁ ନିମନ୍ତ୍ରିତ କରାଯାଇଥିଲେ ମଧ୍ୟ ଚଳିତ ବର୍ଷ କୋଭିଡ କଟକଣା ତଥା ଅନ୍ୟାନ୍ୟ କାରଣ ଯୋଗୁ ୯୨ ଦୋଳ ବିମାନ ଯାତ୍ରାକୁ ଆସିଥିଲେ। ରବିବାର ପ୍ରସିଦ୍ଧ ହରିହର ଭେଟ ଅନୁଷ୍ଠିତ ହେବ। ମେଳଣ କମିଟିର ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ସୁବାସ ଚନ୍ଦ୍ର ପତି, ସଭାପତି ପ୍ରଭାକର ଦଳାଇ, ସମ୍ପାଦକ ବଳଭଦ୍ର ଜେନା, ଉପସଭାପତି ବୈଦ୍ୟନାଥ ପ୍ରଧାନ ସମସ୍ତ ସଭ୍ୟ, ଗ୍ରାମବାସୀ ଓ ଥାନାଧିକାରୀ ସମରେନ୍ଦ୍ର ପାଇକରାୟଙ୍କ ତତ୍ତ୍ୱାବଧାନରେ ପଞ୍ଚଦୋଳ ଯାତ୍ରା ଚାଲିଛି।

# କଟକଣାରେ ହରିରାଜପୁର ମେଳଣ ଆରମ୍ଭ

ଡେଲାଙ୍ଗ,୩।୪ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ହରିରାଜପୁର ପଞ୍ଚୁଦୋଳ ମେଳଣ ପ୍ରଶାସନିକ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରୁ ୭୮ଟି ଦୋଳ ବିମାନ ମେଳଣ ପଡ଼ିଆରେ ବିରାଜମାନ କରିଥିବା ବେଳେ ଥାନାପତି ଶ୍ରୀ ପଶ୍ଚିମଶମ୍ଭୁ ସୋନାଥ ଦେବ ନିରାଡ଼ମ୍ବର ଭାବେ ବିରାଜମାନ କରିଥିଲେ। ଏହି ମେଳଣ ପଡ଼ିଆରେ ସ୍ଥାନୀୟ ଅଧିବାସୀମାନେ ଉପସ୍ଥିତ ରହି ଠାକୁରଙ୍କ ଦର୍ଶନ କରିଥିବା ବେଳେ ବାହାର ଅଞ୍ଚଳରୁ ଶ୍ରଦ୍ଧାଳୁମାନେ କଟକଣା ମାନି ଆସି ନ ଥିଲେ। ବିନା ଦୋକାନ ବଜାରରେ ଖାଁ ଖାଁ ଲାଗୁଥିଲା ମେଳଣ ପଡ଼ିଆ। ହେଲେ ଠାକୁରଙ୍କ ନୀତିକାନ୍ତି କାରାଯାଇ ମେଳଣ ଅନୁଷ୍ଠିତ ହୋଇଥିଲା। କରୋନା କଟକଣା ଆଖିଆଗରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ଆତସବାଜି, ଦୋକାନ ବଜାର, ଫଗୁ ଖେଳ, ଜନସମାଗମକୁ ରୋକ ଲଗାଯାଇଥିଲା। ଶ୍ରୀ ପଶ୍ଚିମଶମ୍ଭୁ ସୋନାଥଦେବଙ୍କ ଏହି ମେଳଣ ଠାକୁରଙ୍କ ନୀତିକାନ୍ତି ମଧ୍ୟରେ କରାଯିବା ପାଇଁ ପୂର୍ବରୁ ପ୍ରଶାସନ ଅନୁମତି ଦେଇଥିଲେ।

# ଜୋରଦାର ହେଉଛି ତ୍ରିମୁଖୀ ପ୍ରଚାର

ପିପିଲି, ୩।୪(ସ୍ୱ.ପ୍ର.)



ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ



ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ



କଂଗ୍ରେସ ପ୍ରାର୍ଥୀ ଅଜିତ୍ ମଙ୍ଗରାଜ

ପିପିଲିରେ ଚାଲିଛି ଜୋରଦାର ପ୍ରଚାର। ବିଜେଡି ଗଡ଼କୁ ଦଖଲ କରିବା ପାଇଁ ଜୋର ଲଗାଇଛନ୍ତି ବିରୋଧୀ ଭାଜପା ଓ କଂଗ୍ରେସ। ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି। ପିପିଲିରେ ପରିବର୍ତ୍ତନ ପାଇଁ ଭାଜପା ଆହ୍ୱାନ ଦେଇଥିବାବେଳେ ଗଡ଼ ଫେରି ପାଇବାକୁ ଏକାଠି ହୋଇଛନ୍ତି କଂଗ୍ରେସ ନେତା। ସେପଟେ ଗଡ଼ ବଜାୟ ରଖିବାକୁ ରଣନୀତି ପ୍ରସ୍ତୁତ କରି ବିଜେଡି ଦଳୀୟ ନେତାମାନେ ପ୍ରଚାରକୁ ସରଗରମ୍ କଲେଣି। ପିପିଲିରେ ପୁଣିଥରେ ଶଙ୍ଖନାଦ ବୋଲି ଦୃଢ଼ୋକ୍ତି ପ୍ରକାଶ କଲେଣି। ଶନିବାର ପିପିଲି ଏନ୍ଏସି ଅଞ୍ଚଳରେ ବିଜେଡି ପକ୍ଷରୁ ପ୍ରଚାର କରାଯାଇଥିଲା। ୱାର୍ଡକୁ ୱାର୍ଡ ବୁଲି ଲୋକଙ୍କ ସମର୍ଥନ ଲୋଡିଛନ୍ତି ପ୍ରାର୍ଥୀ ରୁଦ୍ର ପ୍ରତାପ। ତାଙ୍କ ସହ ୪ଜଣ ନେତା ତଥା ବିଧାୟକ ସୁଧୀର ସାମଲ, ପ୍ରଣବ କୁମାର ବଳବନ୍ତରାୟ, ସଞ୍ଜୀବ

**ଉପନିର୍ବାଚନ ପାଇଁ ସରଗରମ ପିପିଲି**

କୁମାର ମଲ୍ଲିକ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

ଭାଜପା ପକ୍ଷରୁ ମଧ୍ୟ ଜୋରଦାର ପ୍ରଚାର ଚାଲିଛି। ୨୩ନଂ ଜିଲାପରିଷଦ ଜୋନ ଅନ୍ତର୍ଗତ କୁଳଶିଖର ପାଟଣା, ଦାଣ୍ଡମକୁନ୍ଦପୁର, ହାଟସାହି ପଞ୍ଚାୟତରେ ଶତାଧିକ କର୍ମୀଙ୍କ ସହ ପ୍ରାର୍ଥୀ ଆଶ୍ରିତ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରିଛନ୍ତି। ଭାଜପା ଆଦର୍ଶରେ ଅନୁପ୍ରାଣିତ ହୋଇ ପିପିଲି ନିର୍ବାଚନ ମଣ୍ଡଳୀର ବିକାଶ ନିମନ୍ତେ ଦୃଢ ସଂକଳ୍ପ ନେଇଛନ୍ତି। ଦୀର୍ଘ ୩୫ ବର୍ଷର ବଂଶବାଦ ଶାସନକୁ ସମାପ୍ତ କରି ପରିବର୍ତ୍ତନର ସ୍ୱରରେ ଜନସାଧାରଣ ସାମିଲ ହୋଇ ଭାଜପାକୁ ବିଜୟୀ କରାଇବେ ବୋଲି ଆଶ୍ରିତ କହିଛନ୍ତି। ଅନ୍ୟପଟେ କଂଗ୍ରେସ ମଧ୍ୟ ଜୋର ପ୍ରଚାର ଚଳାଇଛି। କଂଗ୍ରେସ ପ୍ରାର୍ଥୀ ଅଜିତ୍ ମଙ୍ଗରାଜ ଡେଲାଙ୍ଗ ଅଞ୍ଚଳର ଚାଇଁପୁର, ଗଡ଼ମୋଟରି ସମେତ ବିଭିନ୍ନ ପଞ୍ଚାୟତ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରିଛନ୍ତି। ପିପିଲି ନିର୍ବାଚନ ମଣ୍ଡଳୀ ପାଇଁ ଦଳକୁ ପୁନର୍ବାର ଆସନ ଜିତେଇବାର ଆଶା ରଖିଛନ୍ତି। ପ୍ରଚାର ବେଳେ ପିପିଲି-ଡେଲାଙ୍ଗର ଜନସାଧାରଣଙ୍କ ବିପୁଳ ଜନସମର୍ଥନ ମିଳୁଛି ବୋଲି ପ୍ରାର୍ଥୀ ଅଜିତ କହିଛନ୍ତି।

## ନିର୍ବାଚନ ବୁଥ୍ ସମୀକ୍ଷା କଲେ ମୁଖ୍ୟ ପର୍ଯ୍ୟବେକ୍ଷକ

ପିପିଲି/ଡେଲାଙ୍ଗ,୩।୪(ସ୍ୱ.ପ୍ର./ଡି.ଏନ୍.ଏ)

ପିପିଲି ଉପନିର୍ବାଚନ ନିମନ୍ତେ ପିପିଲି ବ୍ଲକର ବିଭିନ୍ନ ନିର୍ବାଚନ ବୁଥ ଶନିବାର ବୁଲି ଦେଖିଛନ୍ତି ନିର୍ବାଚନ କମିଶନଙ୍କ ପକ୍ଷରୁ ନିଯୁକ୍ତ ମୁଖ୍ୟ ପର୍ଯ୍ୟବେକ୍ଷକ। ବରିଷ୍ଠ ଆଇଏଏସ୍ ପର୍ଯ୍ୟବେକ୍ଷକ ବୀର ବ୍ରହ୍ମେୟା ଓ ତାଙ୍କ ସହ ଏକ ଟିମ ପିପିଲି ଗସ୍ତରେ ଆସି ନିର୍ବାଚନ ସମ୍ବନ୍ଧୀୟ ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଏହି ସମୟରେ ପିପିଲି ବିଡିଓ ରଶ୍ମିତା ନାଥ ଓ ଅନ୍ୟାନ୍ୟ ବ୍ଲକ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ ମତଦାନ କେନ୍ଦ୍ରଗୁଡିକୁ ଡେଲାଙ୍ଗ ପ୍ରଶାସନ ପକ୍ଷରୁ ତଦାରଖ କରାଯାଇଛି। ଏହି ଟିମରେ ତହସିଲଦାର ମହେନ୍ଦ୍ର ବଡେଇ, ବିଡିଓ ଦିଲୀପ ସତଙ୍ଗୀ, ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ଓ ସେକ୍ଟର ଅଫିସରମାନେ ଉପସ୍ଥିତ ଥିଲେ। ଏହି ଅଧିକାରୀମାନେ ଜୁଇଲୁଣ୍ଡା, ନାଗଣ, ଧାନକେରୋ, ନିମାକେରା, ଇନ୍ଦିପୁର, କୁଞ୍ଜର ଓ ଗୁଆଳିପଡା ପ୍ରଭୃତି ମତଦାନ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହା ସହ ମତଦାନ କେନ୍ଦ୍ରର ଭିତ୍ତିଭୂମି କିଭଳି ରହିଛି ଓ କିପରି ଶୃଙ୍ଖଳିତ ଭାବରେ ମତଦାତାମାନେ ଭୋଟ ଦେଇପାରିବେ ସେନେଇ ସେକ୍ଟର ଅଫିସରଙ୍କ ସହ ଆଲୋଚନା କରିଥିଲେ ।

